ଧରିତ୍ରୀ
DHARITRI
November 09-15, 2025 ₹ 2/-

ଧରିତ୍ରୀ DHARITRI 51 Years

# ଛୁଟିଦିନ

ବୟସ କମ୍ । ହେଲେ ସବୁଥିରେ ଆଗୁଆ। ନିଜ ପ୍ରତିଭାବଳରେ ଦେଶ ବିଦେଶରେ ନାଁ କରିଛନ୍ତି। ଆଉ ପ୍ରମାଣ କରିଛନ୍ତି ସେମାନେ ସୁପର କିଡ୍ସ...

## ସୁପର କିଡ୍ସ



୩
ପ୍ରଚ୍ଛଦ ପ୍ରସଙ୍ଗ

# ଆଲମାରୀକୁ ନେଇ ବାସ୍ତୁ ନିୟମ

ବାସ୍ତୁଶାସ୍ତ୍ର ଅନୁଯାୟୀ, ଘରେ ଯଦି ସଠିକ୍ ସ୍ଥାନରେ ଟଙ୍କା, ସୁନା ରଖୁଥିବା ଆଲମାରୀ ଅଥବା ଟ୍ରେଜେରୀକୁ ରଖା ନଯାଏ ତା'ହେଲେ ଆମଦାନୀ ତୁଳନାରେ କୁଆଡ଼େ ଖର୍ଚ୍ଚ ଅଧିକ ହୋଇଥାଏ । ତେଣୁ ଏଭଳି ସମସ୍ୟାରୁ କିଭଳି ମୁକ୍ତି ପାଇହେବ ଜାଣନ୍ତୁ ସେ ସମ୍ପର୍କରେ...



* ବାସ୍ତୁଶାସ୍ତ୍ର ଅନୁଯାୟୀ, ଉତ୍ତର ଦିଗ ହେଉଛି ଭଗବାନ କୁବେରଙ୍କର ଆବାସସ୍ଥଳୀ । ତେଣୁ ଏହି ଦିଗରେ ଆଲମାରୀ ରଖିବା ଶୁଭ ହୋଇଥାଏ ।
* ଆଲମାରୀକୁ କେବେ ବି ଖାଲି ରଖିବା ଠିକ୍ ନୁହେଁ । ସେଥିରେ ଅଳ୍ପ କିଛି ହେଉ ପଛରେ ଟଙ୍କା ରଖିବା ଦରକାର । ତା'ସହିତ ଭଗବାନ ଗଣେଶ ଓ ମାତା ଲକ୍ଷ୍ମୀଙ୍କର ଫଟୋ ହେଉ କିମ୍ବା ମୂର୍ତ୍ତୀ ଅଥବା ରୂପାର ଏକ ଛୋଟ କଳସକୁ ଆଲମାରୀରେ ରଖିବା ଶୁଭ ହୋଇଥାଏ ।
* ଧ୍ୟାନ ଦେବେ, ଆଲମାରୀ ଯେଉଁ ଘରେ ଅଛି ସେହି ଘରେ ଯେପରି ଗୋଟିଏ ପ୍ରବେଶ ଦ୍ୱାର ଥିବ, ସେ ପୁଣି ଦୁଇଫାଳ ହୋଇ ଖୋଲୁଥିବ ; ଯଦ୍ଦ୍ୱାରା ଘରେ ଅଯଥା ଖର୍ଚ୍ଚ ବେଶୀ ହେବନି ।
* ଯେଉଁ ଆଲମାରୀର ଗୋଡ ନଥାଏ, ସେଥିରେ ଟଙ୍କା, ପଇସା ରଖିବା ଠିକ୍ ନୁହେଁ ।
* ଟଙ୍କା, ପଇସା ରଖୁଥିବା ଆଲମାରୀରେ ବଡି ସ୍ପ୍ରେ, ଧୂପକାଠି କିମ୍ବା ଅନ୍ୟ କୌଣସି ସୁଗନ୍ଧିତ ସ୍ପ୍ରେ ରଖିବା ମଧ୍ୟ ଉଚିତ୍ ନୁହେଁ ।
* ଆଲମାରୀରେ କୁବେର ଯନ୍ତ୍ର ହେଉ ଅବା କିଛି କଉଡ଼ି ରଖିବା ବି ଶୁଭ ହୋଇଥାଏ ।
* ଆଲମାରୀ ଥାକରେ ନାଲି ହେଉ ଅବା ସୁନେଲି ରଙ୍ଗର କପଡ଼ା ପକାଇବା ଶୁଭ । କାରଣ ଏହି ଦୁଇଟି ରଙ୍ଗ ମାତା ଲକ୍ଷ୍ମୀଙ୍କର ଭାରି ପ୍ରିୟ ।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ନଭେମ୍ବର ୯-୧୫, ୨୦୨୫

**ମେଷ**
ପରିବାରରେ ଜଞ୍ଜାଳ ବୃଦ୍ଧି, ମାନସିକ ଅସ୍ଥିରତା, କର୍ମକ୍ଷେତ୍ରରେ ସମସ୍ୟା, ନୂତନ କାର୍ଯ୍ୟାରମ୍ଭ, ବନ୍ଧୁଙ୍କ ବାଚନିକ ସାହାଯ୍ୟ, ତୀର୍ଥଭ୍ରମଣରୁ କ୍ଲାନ୍ତି, ଭ୍ରାତୃସମ୍ପର୍କ ହ୍ରାସ, ଶାରୀରିକ ଅସୁସ୍ଥତା, ସହକର୍ମୀଙ୍କ ସହଯୋଗ, ସାହିତ୍ୟ କୃତିରୁ ପ୍ରଶଂସା, ନୂତନ ବନ୍ଧୁ ସମ୍ପର୍କ ।

**ବୃଷ**
ବିବାଦର ସମାଧାନ, ଅର୍ଥନୈତିକ ଅଭିବୃଦ୍ଧି, ଧନହାନୀରୁ ମନସ୍ତାପ, ମାନସିକ ଅଶାନ୍ତି, ନିର୍ମାଣରେ ବିତର୍କ, ବ୍ୟବସାୟରେ ପ୍ରତିବନ୍ଧକ, ପଦୋନ୍ନତି, ଆନୁଷ୍ଠାନିକ ସମସ୍ୟା, ପରିସ୍ଥିତି ସୁଧୁରିଯିବ, ନୂତନ ଯୋଜନାରେ ସଫଳତା, କ୍ରନିକ୍ ରୋଗରେ ପୀଡା ।।

**ମିଥୁନ**
ନୂତନ ଯୋଜନାରମ୍ଭ, ପାରିବାରିକ ସହଯୋଗ, ବନ୍ଧୁଙ୍କ ସୁପରାମର୍ଶ, କର୍ମକ୍ଷେତ୍ରରେ ବିଶୃଙ୍ଖଳା, କଠିନଶ୍ରମଜନିତ କ୍ଲାନ୍ତି, ସନ୍ତାନଙ୍କ କୃତିତ୍ୱ, ନୂତନ ବନ୍ଧୁତା, ଗାଡିମୋଟର ନବୀକରଣ, କାରବାର ବୃଦ୍ଧି, ସାଂସ୍କୃତିକ କାର୍ଯ୍ୟକ୍ରମ ।।

**କର୍କଟ**
ଆନୁଷ୍ଠାନିକ କାର୍ଯ୍ୟାରମ୍ଭ, ମାନସିକ ଅଶାନ୍ତି, ଶାରୀରିକ ପୀଡା, ଅର୍ଥସଙ୍କଟରୁ କାର୍ଯ୍ୟସ୍ଥଗିତ, ତୀର୍ଥାଟନର ସୁଯୋଗ, ମନସ୍ତାପ, ମକଦ୍ଦମାରେ ବିଜୟ, ଉଚ୍ଚସ୍ତରରୁ ସମ୍ମାନ, ବିବାଦୀୟ ଘଟଣାର ସମାଧାନ ।।

**ସିଂହ**
ନୂତନ କାର୍ଯ୍ୟାରମ୍ଭ, ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନେବେ, ମନୋରଞ୍ଜନର ମଉକା, ବନ୍ଧୁଙ୍କ ପ୍ରେରଣାରୁ କାର୍ଯ୍ୟସିଦ୍ଧି, ମାମଲାରୁ ମାନସିକ ଦୁଃଶ୍ଚିନ୍ତା, ନୂତନ ନିଯୁକ୍ତିର ସୁଯୋଗ, ଜମାରାଶି ପାଇବେ ।।

**କନ୍ୟା**
ସମ୍ପର୍କୀୟଙ୍କ ସହ ମିତ୍ରତା, କାରବାରରେ ଉନ୍ନତି, ମାଙ୍ଗଳିକ କାମର ଆଲୋଚନା, ଆର୍ଥିକ ସମସ୍ୟା ଦୂରେଇବ, ପୁରୁଣା ରୋଗର ପୀଡା ବୃଦ୍ଧି, ଦୁଃସାହାସିକ ପଦକ୍ଷେପରୁ କାର୍ଯ୍ୟସିଦ୍ଧି, ବିଭିନ୍ନ ସୂତ୍ରରୁ ରୋଜଗାର, କର୍ମକ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ।।

**ତୁଳା**
ବନ୍ଧୁ ମିଳନରୁ ଆନନ୍ଦ, ଭ୍ରମଣ ସୁଯୋଗ ଜୁଟିବ, ଯାତ୍ରାରେ ଯାନ୍ତ୍ରିକ ସମସ୍ୟା, ଗବେଷଣାରେ ସଫଳତା, ପଦସ୍ଥବ୍ୟକ୍ତିଙ୍କ ସାନ୍ନିଧ୍ୟ, ଯାନବାହନରେ ସତର୍କତା, ପରିବହନରେ କଳହ, ବନ୍ଧୁସମ୍ପର୍କ ହାନୀ ।।

**ବିଛା**
ନୂତନ କର୍ମାରମ୍ଭ, ସାମାଜିକ ସ୍ତରରେ ପ୍ରତିଷ୍ଠା, ନିର୍ମାଣଧୀନ କାର୍ଯ୍ୟ ସ୍ଥଗିତ, ନିଃସଙ୍ଗତା ବୋଧ କରିବେ, ବନ୍ଧୁ ପ୍ରସ୍ତାବ ସ୍ଥିରୀକୃତ ହେବ, ଗୃହପୋକରଣ କ୍ରୟ କରିପାରନ୍ତି, ନୈରାଶ୍ୟ ଅପସରିଯିବ, ପରିବାରରେ ସ୍ଥିରତା ଫେରିବ ।।

**ଧନୁ**
ପଦସ୍ଥବ୍ୟକ୍ତିଙ୍କ ଉଦାରତା, ବନ୍ଧୁଙ୍କୁ ଭେଟିପାରନ୍ତି, କର୍ମକ୍ଷେତ୍ରରେ ଅବହେଳା, ପାରିଶ୍ରମିକ ପାଇବେ, ସମସ୍ୟା ସମାଧାନ ହେବ, ସଙ୍ଗଦୋଷରୁ ସମାଲୋଚନା, ସଭାସମିତିରେ ସଫଳତା, ଶତ୍ରୁ ଉପଦ୍ରବ କମିବ, ମାଙ୍ଗଳିକ କାର୍ଯ୍ୟ କରିପାରନ୍ତି ।।

**ମକର**
ଆରୋଗ୍ୟଲାଭରୁ ଆଶ୍ୱସ୍ତି, ସମସ୍ୟାର ସମାଧାନ, ଯୋଜନାସମ୍ପୂର୍ଣ୍ଣ ହେବ, ପଡୋଶୀଙ୍କ ସୁପରାମର୍ଶ, ଯାନବାହନରେ ସମସ୍ୟା, ପଡୋଶୀଙ୍କ ପ୍ରତିବାଦ, ଶୁଭଖବର ପାଇବେ, ବୃତିଗତ ଧନ୍ଦା ମାନ୍ଦା ହେବ, ଏଜେନ୍ସିପରୁ ଖୁସି ରହିବେ ।।

**କୁମ୍ଭ**
ମାନସିକ ଅସ୍ଥିରତା, ମିତ୍ର ବନ୍ଧୁ ଜୁଟିବେ, ଅନୁକୂଳ ପରିବେଶ ସୃଷ୍ଟି, ସହକର୍ମୀଙ୍କ ସହ ବିବାଦ ବୃଦ୍ଧି, ମାତାଙ୍କ ସ୍ୱାସ୍ଥ୍ୟରେ ଉନ୍ନତି, ପାରିବାରିକ ଅସହଯୋଗରୁ ଚିନ୍ତା, ଧର୍ମକାର୍ଯ୍ୟରେ ସମସ୍ୟା, ଆର୍ଥିକ ଦୂରବସ୍ଥା, କଚେରୀମାମଲାରେ ବାଇଦା, ବାଣିଜ୍ୟର ଅଭିବୃଦ୍ଧି, ତୀର୍ଥାଟନ କରିପାରନ୍ତି ।।

**ମୀନ**
ଆନୁଷ୍ଠାନିକ ତତ୍ପରତା, ପ୍ରତିକୂଳ ପରିସ୍ଥିତି ସୁଧୁରିବ, ବୁଝାମଣା ଠିକ୍ ରହି ନ ପାରେ, ଯାତ୍ରାରେ ସଫଳତା, ପ୍ରାପ୍ୟଧନରେ ବାଧା, ପ୍ରତୀକ୍ଷିତ ଖବରଟି ପାଇବେ, ପକ୍ଷପାତିତାରୁ ସମାଲୋଚନା, କାର୍ଯ୍ୟସିଦ୍ଧିରୁ ଆନନ୍ଦ, ପାରିବାରିକ ଶାନ୍ତି, ସାମାଜିକ ପ୍ରତିଷ୍ଠା ।।

# ଶାନ୍ତି ପୂର୍ଣ୍ଣ ଜୀବନ ପାଇଁ...

ଶାନ୍ତିପୂର୍ଣ୍ଣ ଜୀବନ ପାଇଁ ନିମ୍ନ ଲିଖିତ କିଛି ନିୟମ ମାନିବା ସର୍ବୋତ୍ତମ ବୋଲି ବାସ୍ତୁଶାସ୍ତ୍ରରେ ଉଲ୍ଲେଖ ରହିଛି...



* ବେଳେବେଳେ ଘରେ କିଛି ବାସ୍ତୁଦୋଷ ଥିଲେ କଳହ ଲାଗିବା ସହ ଅଭାବ ଦେଖା ଦେଇଥାଏ । ଏପରି ସ୍ଥଳେ କାଚ ଗିନାରେ କିଛି ଲୁଣ ନେଇ ଗାଧୁଆ ଘରେ ରଖିଦେଲେ ବାସ୍ତୁଦୋଷରେ ସୁଧାର ଆସେ ବୋଲି ବିଶ୍ୱାସ କରାଯାଏ ।
* ଘରେ ରାହୁ ଦୋଷ ଥିଲେ ମୟୂର ପୁଚ୍ଛକୁ ଘରର ପୂର୍ବ ଅବା ଉତ୍ତର ଦିଗରେ ଥିବା କବାଟରେ ଲଗାଇଦେଲେ ଶୁଭ ହୋଇଥାଏ ବୋଲି ବାସ୍ତୁଶାସ୍ତ୍ରରେ ଉଲ୍ଲେଖ ରହିଛି ।
* ଘରର ମୁଖ୍ୟଦ୍ୱାର ବା ମୁଖ୍ୟଦ୍ୱାରର କବାଟ ଉପରେ ଘଣ୍ଟି ଲଗାଇବା ଠିକ୍ ନୁହେଁ । ଏହାଦ୍ୱାରା ଘରେ ଝଗଡ଼ା ହୋଇଥାଏ ବୋଲି ଲୋକବିଶ୍ୱାସ ରହିଛି ।
* ପକ୍ଷୀଟିଏ ପାଣି ପାତ୍ରରୁ ପାଣି ପିଉଥିବାର ଅବା ଖାଦ୍ୟ ଧରି ଉଡ଼ିଯାଉଥିବାର ଦୃଶ୍ୟ ଶୁଭ ସୂଚନା ଦେଇଥାଏ । ତେଣୁ ପ୍ରତ୍ୟେକଙ୍କୁ ନିଜ ଘର ସମ୍ମୁଖରେ ପକ୍ଷୀଙ୍କ ପିଇବା ପାଇଁ ପାଣିପାତ୍ର ରଖିବା ଦରକାର । ଏହାଦ୍ୱାରା ଘରେ ସୁଖସମୃଦ୍ଧି ବୃଦ୍ଧି ପାଇଥାଏ ବୋଲି ବିଶ୍ୱାସ ରହିଛି ।
* ପ୍ରଭୁ ହନୁମାନଙ୍କ ଫଟୋକୁ ଘରର ମୁଖ୍ୟଦ୍ୱାର ନିକଟରେ ଟାଙ୍ଗିଲେ, ଘର ମଧ୍ୟକୁ କୌଣସି ନକରାତ୍ମକ ଉର୍ଜ୍ଜା ପ୍ରବେଶ କରି ନଥାଏ ବୋଲି ବିଶ୍ୱାସ କରାଯାଏ ।
* ଦକ୍ଷିଣ କିମ୍ବା ପଶ୍ଚିମ ଦିଗରେ ଦର୍ପଣ ରଖିବା ଠିକ୍ ନୁହେଁ । କାରଣ ଦକ୍ଷିଣ ଦିଗର ସ୍ୱାମୀ ହେଲେ ପ୍ରଭୁ ଯମରାଜ ଏବଂ ପଶ୍ଚିମ ଦିଗର ଦେବତା ହେଲେ ଶନିଦେବ । ବାସ୍ତୁଶାସ୍ତ୍ର ଅନୁଯାୟୀ, ଏହି ଦୁଇ ଦିଗରେ ଦର୍ପଣ ଲଗାଇଲେ ଗୃହରେ କୁଆଡ଼େ ଅଶାନ୍ତି ଲାଗି ରହିଥାଏ ।

# ପାଠକୀୟ

* ପକ୍ଷୀଙ୍କ ସୁରକ୍ଷା ପାଇଁ ସେମାନେ ସଂକଳ୍ପବଦ୍ଧ । ପକ୍ଷୀ ସୁରକ୍ଷା ପାଇଁ ସରକାରଙ୍କ ସହ ମିଶି ବିଭିନ୍ନ ପଦକ୍ଷେପ ନେବା ସହ ନିଜ ଘରର କାନ୍ଥକୁ ପକ୍ଷୀଙ୍କ ଚିତ୍ରରେ ଚିତ୍ରିତ କରିଛନ୍ତି । ପକ୍ଷୀଙ୍କ ଗାଁ ଭାବରେ ମାନ୍ୟତା ପାଇଥିବା ଏହି ଗାଁ ହେଉଛି ଗୋବିନ୍ଦପୁର । ତେଣୁ ଏଭଳି ଏକ ନିଆରା ବିଷୟବସ୍ତୁକୁ ନେଇ ଉପସ୍ଥାପନା ହୋଇଥିବା ପ୍ରଚ୍ଛଦ ପ୍ରସଙ୍ଗ 'ପକ୍ଷୀଙ୍କ ଗାଁ' ଶୀର୍ଷକ ପାଠଟି ବେଶ୍ ମନଛୁଆଁ ହୋଇଥିଲା ।

*– ପ୍ରତୀମା ସ୍ୱାଇଁ, ଝାରସୁଗୁଡ଼ା*

* ଏଥରର ଛୁଟିଦିନରେ ପ୍ରକାଶ ପାଇଥିବା ପ୍ରଚ୍ଛଦ ପ୍ରସଙ୍ଗ 'ପକ୍ଷୀଙ୍କ ଗାଁ' ଶୀର୍ଷକ ବିଷୟଟି ଏକ ପ୍ରେରଣାଦାୟୀ ବିଷୟ ଥିଲା । 'ତାମ୍ର ସୂର୍ଯ୍ୟଙ୍କର ବାସ୍ତୁ ମହତ୍ତ୍ୱ', 'ସୁଖ ସମୃଦ୍ଧି ପାଇଁ' ଆଦି ପାଠରୁ ବହୁ ଅଜଣା କଥା ଜାଣିହେଲା । ଲାଇଫ୍ ଷ୍ଟାଇଲ୍ ପୃଷ୍ଠାରୁ 'ଟ୍ରେଣ୍ଡିଂ ଶାଢ଼ି ବେଲ୍ଟ' ସମ୍ପର୍କରେ ବହୁ ଉପାଦେୟ କଥା ଜାଣିବାକୁ ମିଳିଲା । *– ପୁଷ୍ପଲତା ସୁବୁଦ୍ଧି, ମୟୂରଭଞ୍ଜ*

* ବ୍ୟକ୍ତିତ୍ୱ ପୃଷ୍ଠାରୁ ରାଜ୍ୟସ୍ତରୀୟ ପୁରସ୍କାରପ୍ରାପ୍ତ ଶିକ୍ଷକ ରାଜକିଶୋର ପାଣିଗ୍ରାହୀଙ୍କ ଜୀବନି ସମ୍ପର୍କରେ ବହୁ ଅଜଣା କଥା ଜାଣିବାକୁ ମିଳିଲା । ସୃଜନ ପୃଷ୍ଠାରେ ସ୍ଥାନିତ 'କୁମ୍ଭ' ଶୀର୍ଷକ ଗପଟି ବି ବେଶ୍ ମନଛୁଆଁ ହୋଇଥିଲା । ସିନେମା ପୃଷ୍ଠାଟି ମଧ୍ୟ ଆକର୍ଷଣୀୟ ଲାଗୁଥିଲା । ବିଶେଷକରି ଏଥିରେ ସ୍ଥାନିତ 'ଚକ୍ରାନ୍ତ' ଶୀର୍ଷକ ପାଠଟିର ଉପସ୍ଥାପନା ଶୈଳୀ ବି ଖୁବ୍ ମଜାଦାର୍ ଥିଲା । *– ମମତା ମହାନ୍ତି, କେନ୍ଦ୍ରାପଡ଼ା*

* ବାଣୀ ସାଧକ, ପ୍ରବଚକ ପଣ୍ଡିତ ଭୁବନାନନ୍ଦ ନନ୍ଦଙ୍କ ପ୍ରଥମ ରୋଜଗାରର ଅନୁଭୂତିଟି ବେଶ୍ ପ୍ରେରଣାଦାୟୀ ଥିଲା । ସାଥୀର ଉତ୍ତରଗୁଡ଼ିକ ମନଛୁଆଁ ହୋଇଥିଲା । ଚିତ୍ରଶିଳ୍ପୀ ବୈଶାଖୀ ନାୟକଙ୍କ ପ୍ରେରଣାଦାୟୀ ଜୀବନ କାହାଣୀ ବି ଖୁବ୍ ହୃଦୟସ୍ପର୍ଶୀ ଥିଲା । *– ନବଘନ ଚୌଧୁରୀ, ଭବାନୀପାଟଣା*

* 'ସମୁଦ୍ର ମଝିରେ ଧାନ ଅମାର' ଶୀର୍ଷକ ପାଠଟିରୁ ଅନେକ ଅଜଣା ତଥ୍ୟ ଜାଣିବାର ସୁଯୋଗ ମିଳିଲା । ହାଃ ହାଃ ଖୁବ୍ ମଜାଦାର୍ ହୋଇଥିଲା । ସହର ପୃଷ୍ଠାରୁ ପେଓରା ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା । ବିବିଧା ପୃଷ୍ଠାରୁ 'ଲିପଷ୍ଟିକ୍'ର ଇତିହାସ ସମ୍ପର୍କରେ ବହୁ ଗୁରୁତ୍ୱପୂର୍ଣ୍ଣ କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା । *– ସୁକାନ୍ତ ଦାଶ, ମାଲକାନାଗିରି*

* ପୂଜ୍ୟ ଶ୍ରୀ ସନ୍ୟାସୀ ଜୀ ମହାରାଜଙ୍କ ଚିନ୍ମୟ ଚିନ୍ତନ ପାଠରୁ ଅଠରନଳା ବିଷୟରେ ପାଠକରି ଅତ୍ୟନ୍ତ ପ୍ରିତ ହେଲି । ଅଠରନଳାର ପାଖ ପ୍ରାୟ ସଲଗ୍ନ ଗାଁ ଖଣ୍ଡିଆବନ୍ଧର ମୁଁ ବାସିନ୍ଦା । ଆପାତତଃ ଆମ୍ଭେ ଅଠରନଳାର ନିର୍ମାତା ମତ୍ସକେଶରୀ ବୋଲି ଜାଣୁ । ଇନ୍ଦ୍ରଦ୍ୟୁମ୍ନଙ୍କ କଥା ଆପଣ ସଠିକ୍ କହିଛନ୍ତି । ଯାହାବି ହେଉ ଯାଜପୁରରେ ଅନ୍ୟ ଦୁଇଟି ୧୮ ନଳା ପୋଲ ଥିବାର ପ୍ରଥମ ଥର ଶୁଣି ଖୁସି ଲାଗିଲା । ଆପଣଙ୍କର ଏହି ଗବେଷଣାତ୍ମକ ସନ୍ଦର୍ଭ ପାଇଁ ବହୁତ ଧନ୍ୟବାଦ ।

*– ବିଦ୍ୟୁତ୍ ପରିଡ଼ା,*
*ଖଣ୍ଡିଆବନ୍ଧ, ଗୋପିନାଥପୁର, ପୁରୀ*




## ବିଶେଷ ଚିଠି

ପକ୍ଷୀଙ୍କ ଗାଁକୁ ନେଇ
ଥିଲା ଏଥରର ପ୍ରଚ୍ଛଦ ପ୍ରସଙ୍ଗ,
ଲାଗୁଥିଲା ନିଆରା ଯେମିତି
ଦେଉଥିଲା ତଥ୍ୟ ବି ସେମିତି ।
ତା'ସାଙ୍ଗକୁ ଥିଲା ସୃଜନର ଗପ ଓ କବିତା
ମନ କିଣି ନେଉଥିଲା ପୁଣି
ତୁମ ସିନେମାର କଥା ।
ହେ ମୋର ପ୍ରିୟ ଛୁଟିଦିନ,
ତୁମର ସବୁ ପୃଷ୍ଠା ଲାଗେ ଭାରୀ ନୂତନ ।
*– କଳ୍ପନା ତ୍ରିପାଠୀ, ପୁରୀ*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Adyasha Satpathy on behalf of
Navajat Printers & Media Pvt. Ltd. and printed at Navajat Printers, B-15,
Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା
ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com



# ସୁପର କିଡ୍ସ

ବୟସ କମ୍ । ହେଲେ ବୁଦ୍ଧିରେ, ନାଚରେ, ଗୀତରେ, ଖେଳରେ ସବୁଥିରେ ଆଗୁଆ। ନିଜ ପ୍ରତିଭାବଳରେ ଦେଶ ବିଦେଶରେ ନାଁ କରିଛନ୍ତି । ଆଉ ପ୍ରମାଣ କରିଛନ୍ତି ସେମାନେ ସୁପର କିଡ୍ସ...




କଅଁଳ ବୟସ । ଆଖିରେ ଆଖିଏ ସ୍ୱପ୍ନ । ସେ ସ୍ୱପ୍ନସବୁକୁ ସତ କରିବାର ଝୁଙ୍କ ବି ଅଛି । ସେଇଥିପାଇଁ ତ ନିଜ ପ୍ରତିଭା ବଳରେ ବିଭିନ୍ନ କ୍ଷେତ୍ରରେ ନାଁ କରିଛନ୍ତି । ଆଉ ନିଜ ରାଜ୍ୟ ତଥା ଦେଶକୁ ଗୌରବାନ୍ୱିତ କରିଛନ୍ତି । ପ୍ରମାଣିତ କରିଛନ୍ତି ଛୋଟ ହେଲେ ବି କେଉଁ ଗୁଣରେ କମ୍ ନୁହନ୍ତି । ବରଂ ସେମାନେ ସୁପର୍ କିଡ୍ସ...

**ସିଡ୍ ଗର୍ଲ ହର୍ଷିତା:** ହର୍ଷିତା ପ୍ରିୟଦର୍ଶିନୀ ମହାନ୍ତି । ଘର କୋରାପୁଟର ଜୟପୁରରେ । ବୟସ ମାତ୍ର ୧୪ ବର୍ଷ । ପଢନ୍ତି ନବମ ଶ୍ରେଣୀରେ । ବୟସ ସିନା କମ୍, ହେଲେ ଚିନ୍ତାଧାରା ତାଙ୍କର ବେଶ୍ ଉଚ୍ଚ । ଯେଉଁ ବୟସରେ ପିଲାମାନେ ଖେଳାବୁଲା, ମୋବାଇଲ ଦେଖାରେ ସମୟ ବିତାନ୍ତି ସେଇ ବୟସରେ ହର୍ଷିତା ଭାବନ୍ତି ବିଲୁପ୍ତ ହୋଇଯାଉଥିବା ଦେଶୀ ଧାନ ଓ ମାଣ୍ଡିଆର ବିହନ ସଂଗ୍ରହ କରି କିଭଳି ଜୈବିକ ଚାଷର ପ୍ରଚାରପ୍ରସାର କରିପାରିବେ । ଏମିତିଭାବେ ସେ ଧାନର ୨୦୦ ପ୍ରକାରରୁ ଊର୍ଦ୍ଧ୍ୱ, ମାଣ୍ଡିଆର ୮୦ଟି ପ୍ରକାର ଓ ଶୁଆଁ ସହ ଅନ୍ୟ ବିଭିନ୍ନ ପ୍ରକାର ବିରଳ ପନିପରିବା ବିହନ ସଂଗ୍ରହ କରିସାରିଲେଣି । ଏଥିପାଇଁ ସେ ଅନେକ ସମ୍ମାନରେ ସମ୍ମାନିତ ହେବା ସହ 'ସିଡ୍ ଗର୍ଲ'ର ପରିଚୟ ପାଇଛନ୍ତି । ହର୍ଷିତା କୁହନ୍ତି, ''ଷ୍ଟାଣ୍ଡାର୍ଡ ୨ରେ ପଢ଼ିବାବେଳେ ମୁଦ୍ରା, ନୋଟ୍ସ, ଷ୍ଟାମ୍ପ କଲେକ୍ସନ କରୁଥିଲି । କାରଣ ସଂଗ୍ରହ କରିବାକୁ ମତେ ଭାରି ଭଲ ଲାଗେ । ମୋର ଏଇ ଆଗ୍ରହ ଦେଖି ବାପା ହରେକୃଷ୍ଣ ମହାନ୍ତି ଯେକି ଜଣେ ଆସିଷ୍ଟାଣ୍ଟ ପ୍ଲାଣ୍ଟେଶନ ଅଫିସର, ଥରେ ମତେ ଜୈବିକ ଚାଷକୁ ପ୍ରୋତ୍ସାହିତ କରି ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ ହୋଇଥିବା କମଳା ପୂଜାରୀଙ୍କ ସମ୍ପର୍କରେ କହିଲେ । ତାଙ୍କ ସମ୍ପର୍କରେ ଜାଣିବା ପରେ ତାଙ୍କ ସହ ଦେଖାକରିବାକୁ ଇଚ୍ଛା ହେଲା । ସପ୍ତମ ଶ୍ରେଣୀରେ ପଢ଼ିବାବେଳେ ବାପା ମତେ ତାଙ୍କ ସହ ଦେଖା କରାଇଦେଲେ । ତାଙ୍କ କାମ ମତେ ଏତେ ପ୍ରେରଣା ଦେଲା ଯେ, ମୁଁ ବି ବିଭିନ୍ନ କିସମର ଧାନ ଓ ମାଣ୍ଡିଆର ବିହନ ସଂଗ୍ରହ କରିବା ଆରମ୍ଭକଲି । ଯେତେବେଳେ ଖାଲି ସମୟ ପାଉଥିଲି ସ୍ଥାନୀୟ ହାଟ ଓ ଜୟପୁର, ବୈପାରିଗୁଡ଼ା, କୁନ୍ଦ୍ରା, ବୋରିଗୁମାର ଚାଷଜମିକୁ ଯାଉଥିଲି । ବୈପାରିଗୁଡ଼ାର ସ୍ଥାନୀୟ ଚାଷୀ ବାପାଙ୍କୁ ଓ ମତେ ଭଲରେ ଚିହ୍ନନ୍ତି । ତେଣୁ ସେମାନେ ପ୍ରଥମେ ମତେ ୨/୩ ପ୍ରକାର ବିହନ ଖୁସିରେ ଦେଇଥିଲେ । ଏହାପରେ ମୋର ଧାନ ଓ ମାଣ୍ଡିଆର ବିହନ ସଂଗ୍ରହ ନିଶା ବଢ଼ିଲା । ବାପା କହିଲେ, ଘରେ ଏକ ସିଡ୍‌ବ୍ୟାଙ୍କ କରିବାକୁ । ତେଣୁ ବିଭିନ୍ନ ଜୈବିକ ବିହନ ସଂଗ୍ରହକରି ଭଲରେ ସୁଖାଇ କାଚ ଜାର୍ ଓ ମାଟି ପାତ୍ରରେ ସଂରକ୍ଷଣକରି ରଖିବା ଆରମ୍ଭ କଲି । ତା'ସହ ୫ ବର୍ଷିଆ 'ପ୍ରୋଜେକ୍ଟ ହର୍ଷିତା' ଆରମ୍ଭ କଲି । ଲକ୍ଷ୍ୟ ରହିଲା ବିଭିନ୍ନ ବିହନ ସଂରକ୍ଷଣକରି ୨୦୨୭ ମସିହା ସୁଦ୍ଧା ୧୦୦୦ ଚାଷୀଙ୍କୁ ମାଗଣାରେ ବିହନ ପ୍ରଦାନ କରିବି । ପ୍ରଥମେ ପାଇଥିବା ବିହନକୁ ୨୦୨୩ରେ ମୁଁ ୨୦ଜଣ ଚାଷୀଙ୍କୁ ପ୍ରଦାନ କଲି । ଏହି ବିହନକୁ ବ୍ୟବହାର ସହ ଚାଷକରି ଚାଷୀ ମତେ ୩-୪ କେଜି ବିହନ ଦେଇଥିଲେ । ସେଇ ବିହନକୁ ମୁଁ ୨୦୨୪ରେ ୬୦ ଜଣ ଚାଷୀଙ୍କୁ ଦେଲି । ସେମାନଙ୍କ ମଧ୍ୟରେ ୩୦ ଜଣ ମହିଳା ଓ ଝିଅ ଥିଲେ । ସେଥିରେ ଚାଷକରି ସେମାନେ ବି ମତେ ବିହନ ଦେଇଥିଲେ । ଚଳିତ ବର୍ଷ ମୁଁ ୨୦୦ ଚାଷୀଙ୍କୁ ବିହନ ପ୍ରଦାନ କରିଛି, ଯାହା ମଧ୍ୟରେ ୮୦ ପ୍ରତିଶତ ହେଉଛନ୍ତି ମହିଳା ଓ ଝିଅ । ଚାଷୀମାନେ ଯେତିକି ବିହନ ଦିଅନ୍ତି ତାହା ପର୍ଯ୍ୟାପ୍ତ ହେଉ ନ ଥିବାରୁ ପୁରସ୍କାରରୁ ପାଉଥିବା ଟଙ୍କାରୁ ଭଲ ବିହନ କିଣି ଚାଷୀଙ୍କୁ ପ୍ରଦାନ କରିଥାଏ । ଏବେ ମୋ ପାଖରେ ଦେଶୀ ଧାନର ଦୁଇଶହ ପ୍ରକାରରୁ ଊର୍ଦ୍ଧ୍ୱ ବିହନ, ମାଣ୍ଡିଆର ଅଶୀ ଓ ଶୁଆଁ ସହ ଅନ୍ୟ ବିଭିନ୍ନ ପ୍ରକାର ବିହନ ଅଛି । ୨୦୨୩ରେ ଏହି ବିହନ ସଂଗ୍ରହକୁ ନେଇ ନୂଆଦିଲ୍ଲୀରେ ଆୟୋଜିତ ଗ୍ଲୋବାଲ ସିମ୍ପୋସିୟମ ଅନ୍ ଫାର୍ମର୍ସ ରାଇଟ୍‌ରେ ଅଂଶ ଗ୍ରହଣ କରିଥିଲି । ୧୨୫ ଦେଶର ପ୍ରତିଯୋଗୀ ଏଥିରେ ଭାଗନେଇଥିଲେ । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମତେ ବହୁତ ପ୍ରଶଂସା କରିଥିଲେ । ଚଳିତ ବର୍ଷ ଅଗଷ୍ଟ ମାସରେ ସାନ୍‌ଫ୍ରାନ୍ସିସ୍କୋର ଏକ ଏନ୍‌ଜିଓ ଦ୍ୱାରା ପ୍ରଦାନ କରାଯାଉଥିବା 'ଇଣ୍ଟରନ୍ୟାଶନାଲ ୟଙ୍ଗ୍ ଇକୋ ହିରୋ' ଆୱାର୍ଡରେ ମୁଁ ଦ୍ୱିତୀୟ ସ୍ଥାନ ଅଧିକାର କରି 'ଇକୋ ହିରୋ' ସମ୍ମାନ ପାଇଛି । ସଂସ୍ଥା ମତେ ମାନପତ୍ର ସହ ୪୦୦ ଡଲାର ପୁରସ୍କାର ପ୍ରଦାନ କରିଛନ୍ତି । ଏହାପୂର୍ବରୁ ୨୦୨୪ ମସିହାରେ ୧୮୦ ପ୍ରକାର ଦେଶୀ ଧାନ ବିହନ ଓ ୮୦ ପ୍ରକାର ଦେଶୀ ମାଣ୍ଡିଆ ବିହନ ସଂଗ୍ରହ କରି 'ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସ'ରେ ବି ସ୍ଥାନ ପାଇଛି । ତା'ସହ ଏଚ୍‌ଡିଏଫ୍‌ସି ଲାଇଫ୍ ଓ ରେଡ୍ ଏଫ୍‌ଏମ୍ ତରଫରୁ ଆୟୋଜିତ ସର୍ବଭାରତୀୟ ସ୍ତରର ପ୍ରତିଯୋଗିତା 'ଆଇଡିଆ ୟଙ୍ଗ୍‌ଷ୍ଟାର'ରେ ବିଜୟୀ ହୋଇ ୨.୫ ଲକ୍ଷ ଟଙ୍କା ପାଇଛି । ଏହାବାଦ ଫୁଡ୍ ହିରୋ ସମ୍ମାନ, କୃଷକ ରତ୍ନ, ପ୍ରକୃତି ବନ୍ଧୁ ସମ୍ମାନରେ ବି ସମ୍ମାନିତ ହୋଇଛି । ୬ଟି ଅନ୍ତର୍ଜାତୀୟ କନ୍‌ଫରେନ୍ସରେ ଯୋଗଦେଇଛି । ଗତବର୍ଷ ମାଣ୍ଡିଆ ଦିବସରେ ମୁଖ୍ୟମନ୍ତ୍ରୀ ମତେ ସମ୍ମାନିତ କରିଥିଲେ ।''

**ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ଜୁଭିଷା :** ବରଗଡ଼ ସହରର ମୂଳ ବାସିନ୍ଦା ତଥା ଏବେ ସୁବର୍ଣ୍ଣପୁର ସହର ଅଗ୍ନିଶମ ବିଭାଗର କଲୋନିରେ ରହୁଥିବା ଉଷା ଛତର ଓ ଜ୍ୟୋତିଶ୍ୱର କୁମ୍ଭାରଙ୍କ ୩ବର୍ଷ ୧୧ମାସର ଶିଶୁକନ୍ୟା ଜୁଭିଷା ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ସ୍ଥାନ ପାଇଛନ୍ତି । ତାଙ୍କୁ ଯେତେବେଳେ ମାତ୍ର ୮ମାସ ବୟସ ହୋଇଥିଲା ମା' ଉଷା କୁନି ଝିଅର ପ୍ରତିଭା ସମ୍ପର୍କରେ ଜାଣିପାରିଥିଲେ । ଇଂରାଜୀ ବର୍ଣ୍ଣମାଳାର ଅକ୍ଷର ଚିହ୍ନାଇବା ସମୟରେ ସେ ସବୁ ଜାଣିପାରୁଥିଲେ । ଉଷା ଝିଅର ସ୍ମରଣ ଶକ୍ତି ଦେଖି ଚକିତହେବା ସହ ଫୁଲ, ଫଳ, ବିଭିନ୍ନ ରଙ୍ଗ ଓ ଛବିର ଫଟୋ ଦେଖାଇ ଚିହ୍ନାଇବା ପାଇଁ ଚେଷ୍ଟା କରିଥିଲେ । ଜୁଭିଷା ସହଜରେ ଏ ସବୁ ଜାଣିପାରିଲା । ଏହାକୁ ଦୃଷ୍ଟିରେ ରଖି ମା' ବାପା ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସ ପ୍ରତିଯୋଗିତା ପାଇଁ ଆବେଦନ କଲେ । ଜୁଭିଷା ବିଭିନ୍ନ କ୍ଷେତ୍ରରେ ପ୍ରଦର୍ଶନ

→


ହର୍ଷିତା ପ୍ରିୟଦର୍ଶିନୀ ମହାନ୍ତି



ଜୁଭିଷା

କରୁଥିବା କାର୍ଯ୍ୟକଳାପକୁ ଭିଡିଓ ରେକର୍ଡକରି ପଠାଇଲେ। ଏହି ଭିଡିଓରେ ଜୁଭିଷା ୪୧ଟି ପ୍ରାଣୀ, ୧୯ଟି ପକ୍ଷୀ, ୯ଟି କୀଟପତଙ୍ଗ, ୧୮ଟି ପନିପରିବା, ୧୯ଟି ଫଳ, ୫ଟି ଫୁଲ, ୧୦ଟି ରଙ୍ଗ, ଶରୀରର ୨୨ଟି ଅଙ୍ଗ, ଇଂରାଜୀ ବର୍ଣ୍ଣମାଳାର ଅକ୍ଷର, ୩୪ଟି ଘରକରଣା ସାମଗ୍ରୀ, ୬ଟି ବାଦ୍ୟଯନ୍ତ୍ର, ୧୦ଟି ଗାଡ଼ି, ୧୨ଟି ଉଭୟଚର ପ୍ରାଣୀ ଓ ସରୀସୃପକୁ ଚିହ୍ନିପାରିବା ସହ ୧ରୁ ୧୦ ପର୍ଯ୍ୟନ୍ତ ସଂଖ୍ୟାକୁ ନିର୍ଭୁଲ୍ ଭାବେ ଉତ୍ତର ଦେଇଥିଲେ। ଏହାକୁ ଯାଞ୍ଚକରି ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସ(ଆଇବିଆର୍) ତାଙ୍କୁ ଆଇବିଆର୍ ଆଚିଭର ଭାବେ ଚୟନକରି ପ୍ରମାଣପତ୍ର ପ୍ରଦାନ କରିଛି। ସେହି ସମୟରେ ତାଙ୍କୁ ମାତ୍ର ୧ବର୍ଷ ୯ମାସ ବୟସ ହୋଇଥିଲା। ତାଙ୍କର ଏହି ବିସ୍ମୟ କାର୍ଯ୍ୟ ପରିବାର ତଥା ଅଞ୍ଚଳ ପାଇଁ ଗୌରବ ଆଣିଛି। ଜୁଭିଷା ଏବେ ସ୍କୁଲ ଯାଇ ନ ଥିବା ବେଳେ ମା' ତାଙ୍କୁ ଘରେ ପାଠ ପଢ଼ାଉଛନ୍ତି। ମା' ଉଷା ଗୃହିଣୀ ହୋଇଥିବା ବେଳେ ବାପା ଜ୍ୟୋତିଶ୍ୱର ସୋନପୁର ଦମକଳ କେନ୍ଦ୍ରରେ ଅଗ୍ନିକ ଅଛନ୍ତି। ମା' ବାପା ଜୁଭିଷାଙ୍କୁ ଭବିଷ୍ୟତରେ ଜଣେ ପ୍ରଶାସନିକ ଅଧିକାରୀ ଭାବେ ଦେଖିବାକୁ ଚାହାନ୍ତି।

**ଓଡ଼ିଶୀ ଫ୍ୟୁଜନ ନୃତ୍ୟ କରି ଚର୍ଚ୍ଚିତ ସାଇ:** ବୋଲଗଡ଼ ବ୍ଲକ୍, କଳାଙ୍ଗ ପଞ୍ଚାୟତର ସାଇ ସୌମ୍ୟକାନ୍ତ। ବାପା ତପନ ରଞ୍ଜନ ଭୋଇ ଜଣେ ବ୍ୟବସାୟୀ ଓ ମା' ସନ୍ଧ୍ୟାରାଣୀ ପାଣି ଶିକ୍ଷୟିତ୍ରୀ। ଖୁବ୍ ଛୋଟବେଳୁ ଗୀତ ଶୁଣିବା ମାତ୍ରେ ସାଇଙ୍କ ପାଦ ଅଥୟ ହେଉଥିଲା। ଆଉ କୁନି କୁନି ପାଦରେ ନାଚିବା ଆରମ୍ଭକରି ଦେଉଥିଲେ। ଖାସ୍‌କରି ଜଗନ୍ନାଥ ଭଜନ ଶୁଣିବାମାତ୍ରେ ନାଚିବା ଆରମ୍ଭ ହେଇଯାଉଥିଲା। ନାଚ ପ୍ରତି ଏଇ ଭଲ ପାଇବା ଦେଖି ୨୦୧୮ ମସିହାରେ ୫ ବର୍ଷ ବୟସରୁ ତାଙ୍କ ମା' ବାପା ତାଙ୍କୁ ବଂଶୀଧର ସଙ୍ଗୀତ ମହାବିଦ୍ୟାଳୟରେ ଓଡ଼ିଶୀନୃତ୍ୟ ପ୍ରଶିକ୍ଷଣ ଦେବା ଆରମ୍ଭକଲେ। ଏବେ ସେ ବିଭିନ୍ନ ଜାତୀୟସ୍ତରର ରିଆଲିଟି ଶୋ'ରେ ଭାଗନେଇ ସଫଳ ହେବା ସହ ଅନେକ ପୁରସ୍କାର ଓ ସମ୍ମାନ ପାଇସାରିଲେଣି। ୨୦୨୧ ମସିହା, ଆଣ୍ଡ ଟିଭିରେ ପ୍ରସାରିତ ହେଉଥିବା 'ଇଣ୍ଡିଆନ ଡାନ୍ସିଂ ସୁପରଷ୍ଟାର'ରେ ସେ ଟପ୍ ୫ ପର୍ଯ୍ୟନ୍ତ ଯାଇଥିବାବେଳେ ୨୦୨୩ରେ ତରଙ୍ଗ ଚ୍ୟାନେଲର 'ପ୍ରାର୍ଥନା ପ୍ରତିଭା ସିଜନ୍ ୧'ର ବିଜେତା ହେଇଥିଲେ। ସାଇଙ୍କ ମା' ସନ୍ଧ୍ୟାରାଣୀ କୁହନ୍ତି, ''ଭଗବାନଙ୍କ କୃପାରୁ ପୁଅ ଭଲ ନୃତ୍ୟ କରିବା ସହ ଭଲ ପାଠ ବି ପଢ଼େ। ଏବେ ସେ ଗିଭ୍ ପବ୍ଲିକ ସ୍କୁଲରେ ଅଷ୍ଟମ ଶ୍ରେଣୀରେ ପଢୁଛି। ତାକୁ କେବେ କହିବାକୁ ପଡ଼େନା ପଢ଼ିବା ପାଇଁ। ଟ୍ୟୁଶନ ବି ଯାଏନି। ନିଜେ ବିଳମ୍ବିତ ରାତି ଯାଏ ପଢ଼େ। ନବେ ପ୍ରତିଶତରୁ ଅଧିକ ମାର୍କ ରଖେ। ତା'ସହ ସେ ଯେଉଁଠି ବି ଡ୍ୟାନ୍ସ ପ୍ରତିଯୋଗିତାରେ ଭାଗନେଇଛି ସବୁଠି ପ୍ରଥମ ହେଇଛି।'' ସାଇ ସୌମ୍ୟକାନ୍ତ କୁହନ୍ତି, ''ମଡର୍ନ ଗୀତ ସହ କ୍ଲାସିକାଲ ଡ୍ୟାନ୍ସକୁ ଫ୍ୟୁଜନ୍ କରି ମୁଁ ଡ୍ୟାନ୍ସ କରେ। ପ୍ରତିଯୋଗିତାରେ ଭାଗନେବା ପାଇଁ ମାସ ମାସ ସ୍କୁଲ ଯାଇପାରେନା। ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀ ବହୁତ କୋ-ଅପରେଟ୍ କରନ୍ତି। ସମସ୍ତଙ୍କ ସହଯୋଗରେ ଉଭୟକୁ ବାଲାନ୍ସ କରିପାରୁଛି। ତେବେ ବେଳେବେଳେ କିଛିଟା ସମସ୍ୟା ଆସେ। ମୋର ମନେଅଛି ପ୍ରାର୍ଥନା ପ୍ରତିଭାର ଅଡିସନ୍ ଦିନ ମୋର ପରୀକ୍ଷା ଥିଲା। ମୁଁ ପରୀକ୍ଷା ସାରି ଗଲାବେଳେ ବହୁତ ଲେଟ୍ ହୋଇଯାଇଥିଲା। ଅଡିସନ୍ ସରିବାକୁ ବସିଥିଲା। ଲାଷ୍ଟ ମୁମେଣ୍ଟରେ ମୁଁ ଭଲ ପ୍ରଦର୍ଶନ କରିଥିଲି। ତେଣୁ ସିଲେକ୍ସନ ହୋଇଗଲା। ସବୁ ରାଉଣ୍ଡରେ ଭଲ ପ୍ରଦର୍ଶନକରି ପ୍ରଥମ ସିଜନ୍‌ର ବିଜୟୀ ହୋଇଥିଲି। ଏହାବାଦ ଜାତୀୟ ସ୍ତରର ରିଆଲିଟି ଶୋ' ଇଣ୍ଡିଆନ ଡାନ୍ସିଂ ସୁପର ଷ୍ଟାର୍‌ରେ ଟପ୍ ୫ ଭିତରେ ରହିବାର ଅନୁଭୂତି ବି ଖୁବ୍ ଭଲ ଥିଲା। ସାରା ଭାରତର ପିଲାଙ୍କ ଭିତରେ କମ୍ପିଟ୍ କରି ଆଗକୁ ଯିବା ବହୁତ କଷ୍ଟକର ଥିଲା। ଆଗକୁ ଦିଲ୍ଲୀରେ ଆୟୋଜନ ହେବାକୁ ଯାଉଥିବା ଇଣ୍ଡିଆସ୍ ଡ୍ୟାନ୍ସ ଗ୍ରାଣ୍ଡ ପ୍ରିକ୍ସ ପାଇଁ ଓଡ଼ିଶାରୁ ଏକମାତ୍ର ମୁଁ ସିଲେକ୍ଟ ହୋଇଛି। ଓଡ଼ିଶୀନୃତ୍ୟକୁ ନେଇ ହିଁ ଆଗକୁ ବଢ଼ିବାର ଇଚ୍ଛା ଅଛି।'' ସାଇ ସୌମ୍ୟକାନ୍ତ ଏଇ ଛୋଟ ବୟସରୁ ପ୍ରଜ୍ଞା ପ୍ରତିଭା ସମ୍ମାନ, କଳାରତ୍ନ ସମ୍ମାନ, ଜାତୀୟ ସ୍ତରର ନୃତ୍ୟ ଶ୍ରୀ ସମ୍ମାନ, ନୃତ୍ୟ ବିସ୍ମୟ ସମ୍ମାନ, ଗୁରୁ ଗଙ୍ଗାଧର ପ୍ରଧାନ ଶିଶୁ ପ୍ରତିଭା ସମ୍ମାନ, ପ୍ରଜ୍ଞା ପ୍ରତିଭା ସ୍କଲାରଶିପ୍, ଭାରତୀୟ କଳାଶ୍ରୀ ଆଦି ଅନେକ ସମ୍ମାନରେ ସମ୍ମାନିତ ହୋଇଛନ୍ତି।



ସାଇ ସୌମ୍ୟକାନ୍ତ





ବରେଣ୍ୟା ଗୌତମୀ ବରାଳ

**ଫେନ୍ସିଂ କୁଇନ୍ ବରେଣ୍ୟା:** କୁନି ଝିଅ। ହାତରେ ଖଣ୍ଡା। ଲାଗନ୍ତି ପୂରା କୁନି ଝାନ୍ସୀ ରାଣୀ ପରି। ଏଇ ଖଣ୍ଡା ଚାଳନା ତଥା ଫେନ୍ସିଂ ସ୍ପୋର୍ଟସ୍‌ରେ ସେ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ସେ ହେଉଛନ୍ତି ସମ୍ବଲପୁରର ୧୨ ବର୍ଷ ବୟସର ବରେଣ୍ୟା ଗୌତମୀ ବରାଳ। ବାପା ସୁଧୀର ଗୌତମ ଶିକ୍ଷକ ଓ ମା' ପ୍ରଶଂସା ମହାନ୍ତି ଗୃହିଣୀ। ଘରେ ଅଭାବ ଅସୁବିଧା ଲାଗି ରହିଛି। ହେଲେ ବରେଣ୍ୟା ଚତୁର୍ଥ ଷ୍ଟେଟ ଚାମ୍ପିୟନଶିପ୍‌ରେ ଫେନ୍ସିଂରେ ଗୋଲ୍ଡ ମେଡାଲ ପାଇଥିଲେ। ଏବେ ନ୍ୟାଶନାଲ ଟୁର୍ନାମେଣ୍ଟରେ ଖେଳିବାର ସୁଯୋଗ ପାଇଛନ୍ତି। ଆଉ ସେ ମଣିପୁର, ଇମ୍ଫାଲକୁ ଯାଇଛନ୍ତି ପ୍ରତିଯୋଗିତାରେ ଭାଗନେବା ପାଇଁ। ବରେଣ୍ୟାଙ୍କ ବାପା କୁହନ୍ତି, ''ଝିଅ ବହୁତ ପ୍ରତିଭାବାନ। ସେ ଖାଲି ଫେନ୍ସିଂ ନୁହେଁ ସୁଇମିଂ, କରାଟେ, ସ୍କେଟିଂ, ଚେସ୍, ସଙ୍ଗୀତ, ନୃତ୍ୟ, ପେଣ୍ଟିଂ, ଲନ୍ ଟେନିସ୍ ସବୁଥିରେ ଭଲ। ତା'ର ଆଗ୍ରହ ଦେଖି ମୁଁ ତାକୁ ସବୁଥିରେ ତାଲିମ ଦେଉଛି। ନିକଟରେ ସେ ରବୀନ୍ଦ୍ର ମଣ୍ଡପ ଓ ଭଞ୍ଜକଳା ମଣ୍ଡପରେ ଭାରତନାଟ୍ୟମ ସୋଲୋ ଓ ଓଡ଼ିଶୀରେ ଗ୍ରୁପ୍ ଡ୍ୟାନ୍ସ କରିବାକୁ ବି ଯାଇଥିଲା। ଅଲିମ୍ପିଆଡ୍‌ରେ ସେ ଏପର୍ଯ୍ୟନ୍ତ ୨୨ଟି ମେଡାଲ ପାଇସାରିଲାଣି। ୨୦୨୪ରେ ସେ ନ୍ୟାଶନାଲ ଓପନ୍ କରାଟେ ଚାମ୍ପିୟନଶିପରେ ଗୋଲ୍ଡ ମେଡାଲ ପାଇଥିଲା। ସୁଇମିଂରେ ବି ସେ କମ୍ପିଟିସନ୍ ଲେଭଲକୁ

→



ପ୍ରାଦନ୍ୟା ମିଶ୍ର

ପଳେଇ ଆସିଲାଣି। ଏହାବାଦ୍ ସେ ପାଠପଢ଼ାରେ ବି ବହୁତ ଭଲ। ସେଣ୍ଟ ଯୋଶେଫ କନଭେଣ୍ଟ ସ୍କୁଲରେ ସପ୍ତମ ଶ୍ରେଣୀରେ ପଢୁଛି। ୯୦ ପ୍ରତିଶତରୁ ଅଧିକ ପରସେଣ୍ଟ ରଖୁଛି। ସେଇଥିପାଇଁ ଯେତେ ଖର୍ଚ୍ଚ ହେଉ ପଛେ କରେ। ଅନେକ ସମୟରେ ଧାର ଉଧାର ବି କରିବାକୁ ପଡ଼େ। ଏଇ ଯେମିତି ଏବେ ଫେନ୍ସିଂର ନ୍ୟାଶନାଲ ଟୁର୍ନାମେଣ୍ଟରେ ଭାଗନେବା ପାଇଁ ମଣିପୁରକୁ ଯିବା ଲାଗିଫ୍ଲାଇଟ୍ ଟିକେଟ ପାଇଁ ନିଜେ ଖର୍ଚ୍ଚ କଲି। ତା'ସହ ଖଣ୍ଡା, ଫେନ୍ସିଂ ପାଇଁ ପିନ୍ଧାଯାଉଥିବା ଡ୍ରେସ୍, ହେଲ୍‌ମେଟ୍ ଭଳି ଅନେକ ଜିନିଷ କିଣିବାକୁ ପଡ଼ିଲା। ସମ୍ବଲପୁରରେ ଫେନ୍ସିଂକୁ ନେଇ ଭଲ ଭିତ୍ତିଭୂମି ନାହିଁ। କେବଳ କୋଚ୍ ସୂର୍ଯ୍ୟକାନ୍ତ ବେରିହା ଓ ରଶ୍ମିତା ପୁରୋହିତଙ୍କ ପ୍ରଚେଷ୍ଟାରେ ସେ ଫେନ୍ସିଂରେ ଏହି ସଫଳତା ପାଇଛି। ଯଦି ସରକାର ଏନେଇ କିଛି ପଦକ୍ଷେପ ନିଅନ୍ତେ ଓ କିଛି ଆର୍ଥିକ ସାହାଯ୍ୟ କରନ୍ତେ ଭଲ ହୁଅନ୍ତା।''

**କୁନି ସିଙ୍ଗର ପ୍ରାଦନ୍ୟା:** କୁନି ଝିଅ ପ୍ରାଦନ୍ୟା ମିଶ୍ର। ଢେଙ୍କାନାଳର ଝିଅ। ହେଲେ ରୁହନ୍ତି ରାଉରକେଲାରେ। ଦେଖିବାକୁ ଭାରି କ୍ୟୁଟ୍, କଣ୍ଠ ଭାରି ମିଠା। ଏଇ କୁନି ବୟସରୁ ସେ ସଙ୍ଗୀତ କ୍ଷେତ୍ରରେ ପାଇଛନ୍ତି ଅନେକ ସଫଳତା। ପାଲଟିଛନ୍ତି ଭାଇରାଲ କୁନି ସିଙ୍ଗର। ପ୍ରାଦନ୍ୟା ଯେ ଖାଲି ଭଲ ଗୀତ ଗାଆନ୍ତି ତାହା ନୁହେଁ, ସେ ଭଲ ପଢନ୍ତି, ନାଚନ୍ତି ଓ ପେଣ୍ଟିଂ ବି କରନ୍ତି। ତା'ସହ କୁନି ମଡେଲ ସାଜି ର୍‍ୟାମ୍ପ ୱାକ୍ ବି କରିଛନ୍ତି। ୯ବର୍ଷ ବୟସର ପ୍ରାଦନ୍ୟା କୁହନ୍ତି, ''ଛୋଟବେଳୁ ରାଇମ୍ସ ଶୁଣିବାକୁ ଭଲ ପାଉଥିଲି। ଯେକୌଣସି ଗୀତ ଶୁଣିଲେ ଗାଉଥିଲି। ଏହା ଦେଖି ମୋ ମାମା ଓ ପାପା ମତେ ସାଢେ ୪ବର୍ଷ ବୟସରୁ ଗୀତ ଶିଖାଇବା ଆରମ୍ଭ କରିଥିଲେ। ପ୍ରଥମେ ସ୍କୁଲରେ ଅନେକ ପୁରସ୍କାର ପାଇଲି। ପରେ ବିଭିନ୍ନ ରିଆଲିଟି ଶୋ'ରେ ଭାଗନେଲି। ଜୀ ସାର୍ଥକର ଦିଦି ନଂ. ୧ରେ ୱିନର ହେଲି। ସିଦ୍ଧାର୍ଥ ଟିଭିର 'ଓଡ଼ିଶାର ନୂଆ ସ୍ୱର ସିଜନ୍ ୪' ରେ ଫାଇନାଲିଷ୍ଟ ହୋଇଥିଲି। ପରେ 'ମୁଁ ବି ନମିତା ଅଗ୍ରୱାଲ ହେବି ସିଜନ୍-୪ରେ ସେକେଣ୍ଡ ରନର ଅପ୍ ହେଲି। 'ତୁ ମୋ ଆଖିର ତାରା' ସିରିୟଲ ପାଇଁ ଗୀତ ଗାଇଛି। ସିଦ୍ଧାର୍ଥ ଟିଭି ପାଇଁ ପାଖାପାଖି ୩୦ଟି ଗୀତ ଗାଇ ସାରିଲିଣି। ଏବେ ବିଭିନ୍ନ ସ୍ଥାନରୁ ମତେ ଗୀତ ଗାଇବାକୁ ବି ଡାକୁଛନ୍ତି। ଏହାବାଦ ମୁଁ ଓଡ଼ିଶୀ, ମଡର୍ନ ସବୁ ପ୍ରକାରର ଡ୍ୟାନ୍ସ କରିପାରେ। ଅଭିନୟ ଓ ପେଣ୍ଟିଂ ପାଇଁ ବି ଅନେକ ପୁରସ୍କାର ପାଇଛି। ମୁଁ କିଛି କିଛି ରୋଷେଇ ବି କରିପାରେ। ସୋସିଆଲ ମିଡିଆରେ ମୋର ବହୁତ ଫ୍ୟାନ୍ ଅଛନ୍ତି। ଦେଶ, ବିଦେଶରୁ ମେସେଜ୍ ଆସେ। ହେଲେ ଏସବୁ ପାଇଁ ପାଠପଢ଼ାରେ କେବେ ଅବହେଳା ହେଇନି। ଅଲିମ୍ପିଆଡ୍‌ରେ ଗୋଲ୍ଡ ମେଡାଲ ପାଇଛି। ଆଜି ଯାହା ବି ସଫଳତା ପାଇଛି ମାମା ଓ ପାପାଙ୍କ ସପୋର୍ଟ ପାଇଁ ହିଁ ସମ୍ଭବ ହେଇଛି। ମୋ ପାପା ପ୍ରସନ୍ନ କୁମାର ମିଶ୍ର ଓ ମାମା ଉଭୟେ ଆକାଉଣ୍ଟାଣ୍ଟ ଅଛନ୍ତି। ପାପା ସରକାରୀ ଅଫିସ୍‌ରେ କାମ କରନ୍ତି ଓ ମାମା ପ୍ରାକ୍ଟିସ କରୁଛନ୍ତି। ସେମାନେ ତାଙ୍କ ବ୍ୟସ୍ତତା ଭିତରୁ ବି ମୋ ପାଇଁ ସମୟ ବାହାରକରି ମତେ ଆଗକୁ ବଢ଼ିବାରେ ସାହାଯ୍ୟ କରନ୍ତି।''

**କୁଡୋ ଗର୍ଲ ବୈଷ୍ଣବୀ:** ୯ବର୍ଷ ବୟସର କୁନି ଝିଅ ବୈଷ୍ଣବୀ ଗୁପ୍ତା ହେଉଛନ୍ତି ବିହାରର ମୂଳ ବାସିନ୍ଦା। ହେଲେ ଦୀର୍ଘବର୍ଷ ଧରି ରହୁଛନ୍ତି କେନ୍ଦୁଝରରେ। ଏବେ ଏଇ କୁନି ଝିଅଟି କେନ୍ଦୁଝର ଜିଲାର ଗର୍ବ ପାଲଟିଛନ୍ତି। କାରଣ ନିକଟରେ ଗୁଜରାଟର ସୁରଟରେ ଆୟୋଜିତ ହୋଇଥିବା ଜାତୀୟ କୁଡୋ ପ୍ରତିଯୋଗିତାରେ ସେ କନିଷ୍ଠ ବିଭାଗରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ମାତ୍ର ୬ ବର୍ଷ ବୟସରୁ ବୈଷ୍ଣବୀଙ୍କର କୁଡୋରେ ତାଲିମ ନେବା ଆରମ୍ଭ ହୁଏ। ପ୍ରଥମେ ତ ତାଙ୍କ ବାପା ସଞ୍ଜୟ କୁମାର ଯେ କି ପୂର୍ବତଟ ରେଳପଥର ଗାଡି ପ୍ରବନ୍ଧକ ଭାବେ କାର୍ଯ୍ୟରତ ଓ ମା' ଗୁଡି କୁମାରୀ ବୈଷ୍ଣବୀଙ୍କୁ କେବଳ ବଡି ଫିଟ୍‌ନେସ୍ ପାଇଁ ଏହି ତାଲିମ ଦେବାକୁ ଛାଡ଼ିଥିଲେ। ବୈଷ୍ଣବୀଙ୍କ ବାପା କୁହନ୍ତି, ''କୁଡୋ ସମ୍ପର୍କରେ ଆମର ଏତେ ଧାରଣା ନ ଥିଲା। ତେଣୁ ପ୍ରଥମେ କେବଳ ବଡି ଫିଟ୍‌ନେସ୍ ପାଇଁ ଝିଅକୁ ଛାଡ଼ିଥିଲୁ। ହେଲେ ପରେ ଝିଅର ଏହି ମାର୍ଶାଲ ଆର୍ଟ ପ୍ରତି ଭଲ ପାଇବା ବଢ଼ିଲା ଓ ବିଭିନ୍ନ ଟୁର୍ନାମେଣ୍ଟରେ ଅଂଶଗ୍ରହଣକରି ଜିତିବାକୁ ଲାଗିଲା। ଯେମିତିକି ୨୦୨୪ ଗୁଜରାଟର ସୁରଟରେ ଆୟୋଜିତ ହୋଇଥିବା ପଞ୍ଚମ ଫେଡେରେଶନ କପ୍‌ର ଅଣ୍ଡର ୯ କାଟେଗୋରିରେ ସିଲ୍‌ଭର ମେଡାଲ, ୧୫ତମ କୁଡୋ ନ୍ୟାଶନାଲ ଟୁର୍ନାମେଣ୍ଟରେ ସ୍ୱର୍ଣ୍ଣ ପଦକ ଓ ଚଳିତ ବର୍ଷ ୧୬ତମ କୁଡୋ ନ୍ୟାଶନାଲ ଟୁର୍ନାମେଣ୍ଟରେ ସେ ସ୍ୱର୍ଣ୍ଣ ପଦକ ହାସଲ କରିଛି। ଏହାସହ ଚଳିତ ବର୍ଷ ସେ 'ଅକ୍ଷୟ କୁମାର ୧୭ତମ ଇଣ୍ଟରନ୍ୟାଶନାଲ କୁଡୋ ଟୁର୍ନାମେଣ୍ଟ'ରେ ବ୍ରୋଞ୍ଜ ମେଡାଲ ବି ହାସଲ କରିଛି।'' ବୈଷ୍ଣବୀ ଏବେ କେନ୍ଦୁଝର କେନ୍ଦ୍ରୀୟ ବିଦ୍ୟାଳୟରେ ୪ର୍ଥ ଶ୍ରେଣୀରେ ପଢୁଛନ୍ତି। ତା'ସହ କେନ୍ଦୁଝର ଗଡ଼ ରେଳଷ୍ଟେଶନର ଇନ୍‌ଷ୍ଟିଚ୍ୟୁଟ୍‌ଠାରେ ତପନ କୁମାର ପୁର୍ତ୍ତି ଓ ଜଗନ୍ନାଥ ଟୁଡୁଙ୍କ ନିକଟରୁ କୁଡୋ ପ୍ରଶିକ୍ଷଣ ନେଉଛନ୍ତି।

ଆଜିର ଛୋଟ ପିଲା ହିଁ କାଲିର ଭବିଷ୍ୟତ। ସବୁ ପିଲା ଯଦି ଏମିତି ନିଜ ଲକ୍ଷ୍ୟ ନିର୍ଦ୍ଧାରଣ କରି ଏବେଠୁ ଆଗେଇ ଯିବେ ତେବେ ଦେଶର ପ୍ରଗତିକୁ କେହି ରୋକି ପାରିବେ ନାହିଁ।

**– ଶିବାନୀ ମହାନ୍ତି**

**ରିପୋର୍ଟ-ପବନ ପାଣିଗ୍ରାହୀ, ମୃତ୍ୟୁଞ୍ଜୟ ଶତପଥୀ,ନରେଶ ପଟ୍ଟନାୟକ, ପ୍ରମୋଦ କୁମାର ବହିଦାର**




ବୈଷ୍ଣବୀ ଗୁପ୍ତା

# ନ ଲେଖିଲେ ମନ ବୁଝେନା




**ପି**ଲାଟିବେଳୁ ଭଜନ ଶୁଣିବାରେ ତାଙ୍କର ରହିଥିଲା ପ୍ରବଳ ଦୁର୍ବଳତା। ଆଉ ସେଇ ସ୍କୁଲ ବୟସରୁ ସେ ଲେଖାଲେଖି ଜାରି ରଖିଥିଲେ। ପ୍ରାୟ ଦୁଇଦଶନ୍ଧି ଧରି ତାଙ୍କ ଲେଖନୀ ଚାଳନାରେ ସେ ସୃଷ୍ଟି କରିଛନ୍ତି ଏକାଧିକ କବିତା, ଗଳ୍ପ, ଉପନ୍ୟାସ, ନାଟକ ଓ ପ୍ରବନ୍ଧ। ତାଙ୍କ କଥାକବିତା ଓ ଉପନ୍ୟାସରେ ସେ ଫୁଟେଇଛନ୍ତି ସାଧାରଣ ମଣିଷଙ୍କ ଭାବ, ଭାଷା ଓ ଆବେଗକୁ। ସେ ହେଲେ **ଜୟନ୍ତୀ ଜେନା**। ଜନ୍ମ ୨୯।୧୧।୧୯୬୫ ମସିହାରେ। ମାତା ପାର୍ବତୀ ପଣ୍ଡା, ବାପା କୁଳମଣି ପଣ୍ଡା। ଘର ଯାଜପୁର ଜିଲା ବ୍ୟାସନଗର ମ୍ୟୁନିସିପାଲିଟିର ଲକ୍ଷ୍ମୀନଗରରେ। ସେ କୁହନ୍ତି, ‘‘ମୋ ପିଲାଦିନ କଟିଛି ଯୌଥ ପରିବାରରେ। ବହୁ ଅଭାବ ଅନଟନ ଭିତରେ ଗ୍ରାମୀଣ ଜୀବନର ଅଙ୍ଗେନିଭା ଅନୁଭୂତି ରହିଛି। ସେତେବେଳେ ମୋ ବାପା ଘରକୁ ଗୋଟେ ଜାପାନୀ ସେଟ୍ ଟେପ୍ ରେକର୍ଡ ଆଣିଥିଲେ। ପ୍ରତିଦିନ ସମୟ ମିଳିଲେ ସେଥିରୁ ଭଜନ ଶୁଣୁଥିଲି, ତାହା ଶୁଣିଶୁଣି ମୋର ବି ଇଚ୍ଛାହେଲା ଭଜନ ଲେଖିବାକୁ । ୧୯୮୦ମସିହାରୁ ଲେଖାଲେଖି ଆରମ୍ଭ କରିଛି। ଗୁଡିଏ ଭଜନ ଲେଖିଲି, ପରେ ଅଷ୍ଟମ ନବମ ଶ୍ରେଣୀରେ ପଢୁଥିବା ସମୟରେ ଗୋଟେ ଉପନ୍ୟାସ ଲେଖିଥିଲି ଜହ୍ନର ଛାଇ, ଦଶମ ଶ୍ରେଣୀରେ ପଢୁଥିବା ସମୟରେ ଗୋଟେ ନାଟକ ଲେଖିଥିଲି ‘ଜଳନ୍ତା ଜୁଇରେ ପୁଷ୍ପାଞ୍ଜଳି’, ଏସବୁ ଲେଖିବା ପାଇଁ ମୋତେ ଭାଗୀରଥି ଦାସ ଏବଂ ବିଭୂତି ପଟ୍ଟନାୟକଙ୍କ କେତେଖଣ୍ଡ ଉପନ୍ୟାସ ବେଶ୍ ପ୍ରଭାବିତ କରିଥିଲା। ଦଶମ ଶ୍ରେଣୀରେ ହିଁ ଏକ ଦୁର୍ଘଟଣା ଘଟିଯାଏ, ଅକ୍ଷୟ ତୃତୀୟା ରାତିରେ ଆମେ ରହୁଥିବା ଘରଟିକୁ ଘରୋଇ କଳହକୁ ନେଇ ନିଆଁ ଲଗେଇ ଦେଇଥିଲେ। ଯେଉଁଥିରେ ସବୁକିଛି ଜଳିପୋଡ଼ି ପାଉଁଶ ହୋଇଯାଇଥିଲା। ତା’ପରଠୁ ଲେଖାଲେଖି ବନ୍ଦ କରିଦେଇଥିଲି। ବିଭିନ୍ନ ସାମାଜିକ କାର୍ଯ୍ୟରେ ଯୋଗଦେଇ ସମୟ ବିତାଉଥିଲି। ସମାଜରେ ଘଟୁଥିବା ବିଭିନ୍ନ ଘଟଣା ମୋ ମନରେ ବାରମ୍ବାର ପ୍ରତିଧ୍ୱନି ସୃଷ୍ଟିକଲା। ପ୍ରତ୍ୟେକ ଦିନ ମଣିଷର ଜଞ୍ଜାଳମୟ ଜୀବନକୁ ଖୁବ୍ ନିକଟରୁ ଭେଟୁଥିଲି, ଦେଖୁଥିଲି ତା’ର ଯନ୍ତ୍ରଣାସିକ୍ତ ମୋହକୁ, କେମିତି ବଞ୍ଚିବାର ଇଚ୍ଛା ଓଟାରି ନେଉଛି ଇତ୍ୟାଦିକୁ ନେଇ ଲେଖିଥିଲି କିଛି କବିତା ଓ ପ୍ରବନ୍ଧ। ମୋ ଦୃଷ୍ଟିରେ ଜୀବନ ଜନ୍ତ୍ରଣା ସହିତ ପେଷି ହେଉଥିବା ମଣିଷର ନିତ୍ୟ ଜୀବନଚର୍ଯ୍ୟାରୁ ମୁଁ ଲେଖିବାକୁ ପ୍ରେରଣା ପାଇଛି। କେବେ ଚିନ୍ତା ବି କରି ନ ଥିଲି ମୋ ପରି ଜଣେ ସାଧାରଣ ମଣିଷର ଲେଖା ପୁଣି ବହିର ରୂପନେବ। ଲେଖିକା ମିରିନା ମହାନ୍ତି ମୋତେ ବହୁତ ଉତ୍ସାହିତ କରନ୍ତି। ୨୦୧୩ ମସିହାରେ ପ୍ରକାଶ ମହାପାତ୍ର ମୋର ପ୍ରଥମ ଗଳ୍ପ ବହି ‘ମୋହ’ ପ୍ରକାଶ କରି ରାଜଧାନୀ ପୁସ୍ତକ ମେଳାରେ ଲୋକାର୍ପଣ କରାଇଥିଲେ। ସେବେଠାରୁ ଆଉ ପଛକୁ ଚାହିଁନି। ‘ଗୋପନ କ୍ଷତ’, ‘ସୀମନ୍ତିନୀ’, ‘ସାଗର କୂଳେ ଦିନେ’, ‘ନିଷିଦ୍ଧ ଅନ୍ଧାର’, ‘ନିଷିଦ୍ଧ ଅଭିସାର’, ‘ନଷ୍ଟ ଲଗ୍ନର ଛବି’, ‘ଶେଷ ଫଗୁଣର କଥା’, ‘ବେଳାଭୂମି’, ‘ଈପ୍ସିତ ସ୍ୱର୍ଗ’, ‘ବନ୍ଦିନୀ’, ‘ମୋ ଝର୍କାରୁ ପୃଥିବୀ’, ‘ସମର୍ପଣ’, ‘କୁଆଁରୀବୋଉ’, ‘ଇଚ୍ଛାର ଈଶ୍ୱରୀ’, ‘ଆଞ୍ଜୁଳାଏ ଜହ୍ନରାତି’ ଆଦି ରଚନା କରିଥିବା ପ୍ରାୟ ୨୧ଖଣ୍ଡ ପୁସ୍ତକ ପ୍ରକାଶିତ ହୋଇଛି। ୪ଖଣ୍ଡ ଗଳ୍ପ ସଂକଳନ ଓ ଖଣ୍ଡେ କବିତା ସଂକଳନ, ଦୁଇଖଣ୍ଡ ଉପନ୍ୟାସ ପ୍ରକାଶିତ ହୋଇସାରିଛି ।

ମୋର ପ୍ରଥମ ଗପ ‘ମୋ ବୋଉର କାଠପେଡି’ । ସେ ଗପଟିକୁ ପଢ଼ି ମୋ ବୋଉ ବହୁତ କାନ୍ଦିଥିଲା ଆଉ ବାରମ୍ବାର ସେ ଗପଟିକୁ ପଢିଥିଲା। ଶେଷରେ ମତେ କହିଲା କାହିଁକି ଏତିକି ଲେଖି ଗପଟିକୁ ସାରିଦେଲୁ। ଆହୁରି ଲେଖ, ବହୁତ ଲମ୍ବା କର ଯେମିତି ସାରା ଜୀବନ ପଢିଲେ ମଧ୍ୟ ଗପଟି ସରିବ ନାହିଁ। ଇଚ୍ଛା ହେଉଛି କିଛି କରିବି ନାହିଁ, କୁଆଡ଼େ ଯିବିନାହିଁ, ଏଇଠି ଏମିତି ବସି ତୁ ଲେଖିଥିବା ଗପସବୁ ପଢୁଥିବି। ସେଦିନର ତା’ର ସେ କଥା ମୋ ମନରେ ଅନେକ ଉତ୍ସାହ ଭରିଦେଇଥିଲା। ମୁଁ ଯେତେବେଳେ ବି ଗପ ଲେଖେ ବହିଟି ସରିଗଲା ପରେ ତା’ କଥା ମୋର ମନେପଡ଼େ, ଆଉ ଟିକେ ବଢ଼େଇବାକୁ ଇଚ୍ଛା ହୁଏ। ପ୍ରାୟ ୨୦ବର୍ଷ ହୋଇଗଲାଣି ଲେଖାଲେଖି କରିଆସୁଛି ।

ଲେଖାଲେଖି ବ୍ୟତୀତ ସେ ଜଣେ ସମାଜସେବୀ ମଧ୍ୟ। ୨୦୦୪ମସିହାରୁ ସେ ସମାଜର ଅବହେଳିତ ମହିଳା, ଦିବ୍ୟାଙ୍ଗ, ଅନାଥ ଶିଶୁ, ବୃଦ୍ଧାବୃଦ୍ଧଙ୍କ ନିମନ୍ତେ ବିଭିନ୍ନ ସାମାଜିକ କାର୍ଯ୍ୟ କରିଆସୁଛନ୍ତି। ଏସବୁବାଦ୍ ସେ ଜଣେ ସୁଗୃହିଣୀ। ଏହାଛଡ଼ା ସେ ପ୍ରତିବର୍ଷ ଛଅ କିମ୍ବା ସାତୋଟି ଗରିବ ପରିବାରର ପୁଅ ଝିଅଙ୍କୁ ସମସ୍ତ ଖର୍ଚ୍ଚ ବହନକରି ବୈଦିକ ରୀତିରେ ବାହାଘର କରାଇଥାନ୍ତି। ତାଙ୍କ ପରିବାର କହିଲେ, ସ୍ୱାମୀ ଏବଂ ତାଙ୍କର ତିନୋଟି ଝିଅ। ତାଙ୍କ ପ୍ରତିଭା ପାଇଁ ତାଙ୍କୁ କଳାବତୀ ସମ୍ମାନ, ଫକୀର ମୋହନ ସମ୍ମାନ, ପ୍ରତିଭା ପୂଜା, ସାରସ୍ୱତ ସମ୍ମାନ, ଶ୍ରେଷ୍ଠ ସେବାନାୟିକା, ରମାଦେବୀ ସମ୍ମାନ, ସାହିତ୍ୟ ସୁରଭି ସାମ୍ମାନ, ସାହିତ୍ୟ ଦର୍ପଣ ସମ୍ମାନ, କବି ପଦ୍ମ ସମ୍ମାନ, ଉତ୍କଳିକା ସମ୍ମାନ, କଳିଙ୍ଗ କନ୍ୟା ସମ୍ମାନ, ଶ୍ରେଷ୍ଠ ସମାଜସେବୀ ସମ୍ମାନ, ମୃଗତନ୍ଦ୍ରା ସମ୍ମାନ, ବ୍ୟାସ ଗୌରବ ସମ୍ମାନ, ରାଜ୍ୟ ପ୍ରତିଭା ପୂଜା ସମ୍ମାନ, ମଦର ଟେରେସା ସମ୍ମାନ, ସମାଜ ସେବା ନିମନ୍ତେ ଡକ୍ଟରେଟ, ରାଜ୍ୟ ଲେଖିକା ସଂସଦ ସମ୍ମାନ, ଇନର ହୁଇଲ ସମ୍ମାନ, କଳିଙ୍ଗନଗର ବୁଲେଟିଂ ସମ୍ମାନ, କାନ୍ତ କୌମୁଦୀ ସମ୍ମାନ, କଳିଙ୍ଗ ମହୋତ୍ସବ ସମ୍ମାନ, କଳାକାହ୍ନୁ ସ୍ମୃତି ସମ୍ମାନ, ଉତ୍କଳ ଭାରତୀ ବିଦୂଷୀ ରତ୍ନ ସମ୍ମାନ ଇତ୍ୟାଦି ମିଳିଛି।

ସେ କୁହନ୍ତି, ‘ଲେଖାଲେଖି କରିବା ମୋର ଏମିତି ଅଭ୍ୟାସ ହୋଇଯାଇଛି ଯେ ପ୍ରତିଦିନ କିଛି ନା କିଛି ନ ଲେଖିଲେ ମୋ ମନ ବୁଝେନା।’

**-ବନବିହାରୀ ବେହେରା**











# ବୁଢ଼

**-ସୁଶାନ୍ତ ଦାଶ**

ଏହା କୌଣସି ତର୍କ ବିତର୍କର
ବିଷୟ ନୁହେଁ, ନିଜ ନିଜ ଭିତରେ
ଅଶାନ୍ତି ହେବାର ବି ସମୟ ନୁହେଁ ।
କେବଳ ନିଜକୁ ନିଜେ
ବୁଝେଇବାର କଥା
ମୁଁ ମାଧ୍ୟମଟିଏ ପାଇଗଲି
ମୋକ୍ଷ ପ୍ରାପ୍ତିର ।
ମିଛ ପ୍ରଲୋଭନରେ
ଆତ୍ମଘୋଷିତ ସ୍ୱର୍ଗପ୍ରାପ୍ତିର
ମହା ଆନନ୍ଦରେ,
ବିତିଯାଉ ବଳକା ଥିବା ଆୟୁଷ
ମୋ ଜୀବନରେ ।
ମୁଁ କେବଳ ଏତିକି କହିଲି
ମୋର ମନେନାହିଁ
ମୁଁ କେବେ କ'ଣ ପାପ କରିଛି ?
ତେଣୁ, ବୁଢ଼ ପାଇଁ
କାହିଁକି କୁଆଡ଼େ ଯିବି ?
ମୋ ଘରେ ମୁଁ ରହିବି, ମୁକ୍ତି ପାଇବି
ଏଠି ମୋର ସ୍ୱର୍ଗ ଏଠି ନର୍କ
ଏଠି ମୋର ମୋକ୍ଷ ଏଠି ମୋର ମୁକ୍ତି
ତେଣୁ ଏଠି ରହିବି, ପ୍ରଭୁ କୃପା ଲଭିବି
କୋଉ ବୁଢ଼, କୋଉ ମହାକୁମ୍ଭକୁ
ମୁଁ କାହିଁକି ଯିବି ?
ସମସ୍ତେ ବୁଝିପାରିଲେ ମୋ କଥା
ମତେ ଗ୍ରହଣ ନ କରିବାପାଇଁ
ଯୁକ୍ତି ବାଢ଼ିଲେ ...
କହିଲେ ଯେମିତି ଅଙ୍ଗୁର କୋଳି ଖଟା ॥

*– ବ୍ରହ୍ମପୁର*
*ମୋ:୯୪୩୭୦୨୫୦୯୭*

# ଚାପୁଡ଼ା

**ମୂଳ ହିନ୍ଦୀ – ପ୍ରଫେସର ରଣଯୋଧ ସିଂହ**
**ଅନୁବାଦ: ପ୍ରଭାତ କୁମାର ମହାପାତ୍ର**

ଯୋଗୀ ବୟସର ସେହି ସୋପାନରେ ଯାଇ ପହଞ୍ଚି ସାରିଥିଲା, ଯେଉଁଠାରେ ପିଲାମାନେ ଦିନସାରା ମଜା ମଜ୍‌ଲିସ କରି ନିଜ ବାପା ମା'ଙ୍କୁ ଗର୍ବରେ ଆସି କୁହନ୍ତି ଯେ ଆମେ କଲେଜ ଯାଇ ପାଠ ପଢ଼ି ଆସିଛୁ ! ଦିନ ସାରା ଖେଳିବା, ଖାଇବା, ପିଇବା, ସାଙ୍ଗମାନଙ୍କ ସହ ମସ୍ତି କରିବା ଆଉ ସନ୍ଧ୍ୟାରେ ଘରକୁ ଆସି ମା' ପ୍ରସ୍ତୁତ କରିଥିବା ଖାଦ୍ୟରୁ ତ୍ରୁଟି ବାହାର କରିବା ଏପରି ଅନେକ କିଛି ତା'ର ନିତିଦିନିଆ କାର୍ଯ୍ୟ ଥିଲା ।

ସେ ତାଙ୍କ ଗୋଷ୍ଠୀର ଆତ୍ମଘୋଷିତ ନେତା ଥିଲା । ତା'ର ମିତ୍ର ମଣ୍ଡଳୀକୁ ଦେଖି ସ୍ଥାନୀୟ ଲୋକମାନଙ୍କ ମନରେ ଏକ ଅଜବ ଭୟର ବାତାବରଣ ସୃଷ୍ଟି ହୋଇଯାଉଥିଲା ଯେ,ଏବେ କିଛି ନା କିଛି ଧମାକା ହେବାକୁ ଯାଉଛି ! ଶାନ୍ତଶିଷ୍ଟ ଥିବା ପିଲାମାନେ ଖେଳ ଛାଡ଼ି ନିଜ ନିଜ ଘରକୁ ଯାଇ ଲୁଚିଯାଉଥିଲେ, ଯେପରି କି ଯୋଗୀର ମିତ୍ର ମଣ୍ଡଳୀ ଖେଳ ପଡ଼ିଆରେ ନିର୍ବିବାଦରେ ଖେଳିପାରିବେ ତଥା କିଛି ନୂଆ ନାଟକ ଯେପରି ନ ବାହାର କରିପାରିବେ ! ଆଉ ସେପଟେ ଯୋଗୀ ସେନାକୁ ଦେଖି ନବ ଯୁବତୀମାନଙ୍କ ରକ୍ତ ଶୁଖି ଯାଉଥିଲା ! ସାହସ ରଖିଥିବା ଝିଅଟିଏ ତାଙ୍କ ସମ୍ମୁଖ ଦେଇ ଯିବ ଆଉ ତାଙ୍କ ମୁଖରୁ କିଛି ଖରାପ ଟିପ୍ପଣୀ ନ ବାହାରିବ ଏହା ଏକ ପ୍ରକାର ଅସମ୍ଭବ ଥିଲା !

ଦିନେ ଯୋଗୀ ମଣ୍ଡଳୀ ନିଜ ଚିର ପରିଚିତ କ୍ରିକେଟ ପଡ଼ିଆର ଅଳ୍ପ କିଛି ଦୂରରେ କ୍ରିକେଟ ଖେଳି ଥକି ଯିବା ପରେ ଅଳସୁଆ ହୋଇ ବସି ନିଜ ମଧ୍ୟରେ ମଜା କରୁଥିଲେ । ଠିକ୍ ସେତିକି ବେଳେ ଏକ ସୁନ୍ଦରୀ ଯୁବତୀଟିଏ ସେହି ରାସ୍ତା ଦେଇ ଅତିକ୍ରମ କରି ଚାଲିଗଲା । ଯୋଗୀ ମଣ୍ଡଳୀ ଯେମିତି ଏହି ସମୟକୁ ହିଁ ଅପେକ୍ଷା କରି ରହିଥିଲେ । ସେହି ମଣ୍ଡଳୀର ଠିକ୍ ମଝିରୁ ଜଣେ ସମୟ ନଷ୍ଟ ନ କରି ସଙ୍ଗେ ସଙ୍ଗେ ଏକ ଅଶ୍ଳୀଳ ମନ୍ତବ୍ୟ କହି ପକାଇଲା । ଯୁବତୀ ଜଣକ ଯେମିତି ପଛ ଆଡ଼କୁ ମୁହଁ କରି ଚାହିଁଛି,ଜୋର୍ କରି ଏକ ଶବ୍ଦ ଶୁଭିଲା ... ...ଚଟାକ....

ସେହିଟି ଏକ ଜୋର୍‌ଦାର ବ୍ରହ୍ମ ଚାପୁଡ଼ା ଥିଲା ..ଯାହାକୁ ଯୋଗୀ ସେହି ଯୁବକର ଗାଲରେ ବସେଇ ସାରିଥିଲା । ସେହି ଯୁବକ ସହ ଅନ୍ୟ କ୍ରିକେଟ ମଣ୍ଡଳୀ ମଧ୍ୟ ଅବାକ୍ ହୋଇ ଯାଇଥିଲେ, ଏମିତି କ'ଣ ଭୁଲ୍ ହୋଇଗଲା ଯେ, ଯୋଗୀ ଭାଇ ଏତେ ରାଗି ଗଲେ ! ଆଜି ପର୍ଯ୍ୟନ୍ତ ତ ଯୋଗୀଭାଇ ସେହି କାମ ହିଁ କରି ଆସୁଥିଲା ! ଯୋଗୀ ଆଜି ରାଗି ପଞ୍ଚମ ! ଚିତ୍କାର କରି କହିବାକୁ ଲାଗିଲା, ମୂର୍ଖ ! ଚିହ୍ନିପାରୁନୁ ! ସେ ମୋ ସାନଭଉଣୀ !! ଯୋଗୀକୁ ଦେଖି ତା'ର ଭଉଣୀର ରାଗ ଶାନ୍ତ ପଡ଼ି ଯାଇଥିଲା, ତା' ଆଖିରୁ ଝର ଝର ଅଶ୍ରୁଧାର ବହି ଚାଲିଥିଲା । ସାଙ୍ଗମାନେ ନିଜ ଭୁଲ୍ ପାଇଁ ଅନୁତପ୍ତ ଥିଲେ ଯେ, ସେମାନେ ଯୋଗୀର ଭଉଣୀକୁ ଚିହ୍ନିପାରିଲେ ନାହିଁ ! ସମସ୍ତେ ଶପଥ ନେଲେ ଯେ ଆଜିଠାରୁ କେବେ ବି ଏପରି ଘୃଣ୍ୟ କାମ କରିବେ ନାହିଁ ।

ଯାହା ସବୁ ଘଟଣା ଘଟିବାର ଥିଲା ଘଟିଗଲା..କିନ୍ତୁ ...ସେହିଦିନଠାରୁ ଯୋଗୀ କୌଣସି ଯୁବତୀକୁ ଆଖି ଉଠାଇବା ପାଇଁ ମଧ୍ୟ ସାହସ କରିପାରିଲା ନାହିଁ। ସେଦିନ ଯଦିଓ ସେ ତା' ସାଙ୍ଗର ଗାଲରେ ଚାପୁଡ଼ା ମାରିଥିଲା, ପରନ୍ତୁ ବାସ୍ତବରେ ସେହି ଚାପୁଡ଼ା ଯୋଗୀ ତା' ନିଜ ଗାଲରେ ହିଁ ମାରିଥିଲା !!!!

*– ସ୍ୱାମୀ ବିବେକାନନ୍ଦ ବନ ଭାରତୀ ବିଦ୍ୟାପୀଠ, କୋରାପୁଟ*
*ମୋ: ୭୮୯୪୦୦୫୪୫୫*

# ପ୍ରେମ ନୁହେଁ, ଅଭିଶାପ

**-ବନ୍ଦନା ମିଶ୍ର**

ପ୍ରେମ ନୁହେଁ, ତମେ ଦେଇଯାଇଛ ଅମାପ ଅଭିଶାପ ;
ଯାହାକୁ ମୁଁ ଭୋଗୁଛି ଦିବାନିଶି, ଅହରହ ।

ତମର ସେ ସରାଗ, ଆଜି ମୋ ପାଇଁ ନରକ ।
ଅତୀତ ପାଲଟିଛି ଶିକୁଳି ଯେପରି ;
ପଛକୁ ଭିଡ଼େ ଯେବେ ବି ଆଗକୁ ମୋ ପାଦ ବଢ଼େ ।

ତମ ସ୍ମୃତି ବଞ୍ଚିବାକୁ ଦିଏନି, କି ପ୍ରେମ ମରିବାକୁ !
କାସ୍ ପଡ଼ି ନ ଥାଆନ୍ତି କି କେବେ ଫାନ୍ଦରେ ତମର,
ଚାଖି ନ ଥାନ୍ତି କି ତମ ଦରଦୀ ମନର ସ୍ୱାଦ
ହୁଏତ ଜୀବନ ଦେଇ ପାରି ନ ଥାନ୍ତା ଏଭଳି ଯନ୍ତ୍ରଣା !

ଶୁଣିଛି ପ୍ରେମ ସୁଖ କମ, ଯନ୍ତ୍ରଣା ବେଶି ଦିଏ ।
ହେଲେ ମୋ ପାଇଁ ତମେ ଓଜାଡ଼ି ଦେଇଥିବା
ସେ ସୁଖ ସବୁ ହିଁ ଆଜି ଯନ୍ତ୍ରଣାର କାରଣ ।

ତମେ ବି ହୋଇଥାନ୍ତ କି ବାକି ପ୍ରେମିକଙ୍କ ପରି ;
ଉପଭୋଗ କରି ଫିଙ୍ଗି ଦେଇଥାନ୍ତ ମୋତେ ।
ହୁଏତ ମୋ ଛାତିରେ ନ ଥାନ୍ତା ତମ ପ୍ରେମର ଅଭିଶାପ !

ଗୋଟିଏ ସୁଯୋଗ ଦେଇଥାନ୍ତ ହେଲେ
ମୋତେ ନିନ୍ଦା କରିବାକୁ,
ଥରୁଟିଏ ପାଇଁ କହି ପାରିଥାନ୍ତି କି ତମେ
ପ୍ରତାରକ ବୋଲି ।

ହଁ ହଁ ତମେ ପ୍ରତାରକ ।
ନୁହେଁ ତ ଆଉ କ'ଣ ?
ଯିଏ ତା' ପ୍ରେମିକାର ଅଭିଯୋଗ ଶୁଣିବାକୁ
ଗୋଟାଏ ବି ସୁଯୋଗ ଛାଡ଼େନି
ସେ ନିଶ୍ଚୟ ଜଣେ ପ୍ରତାରକ ।

ଚାହିଁଥିଲେ ତମେ ଦେଇ ପାରିଥାନ୍ତ
ମୋ ବିଶ୍ୱାସରେ ବିଷ,
ଆଜି ମୁଁ କଷୁଥାନ୍ତି ବସି ତୁମ ପ୍ରତାରଣାର ଅଙ୍କ ।
ତମେ କରି ପାରିଥାନ୍ତ କି ଅବହେଳା ମୋତେ
ଅତି ନିର୍ମମ ପୁରୁଷଟେ ପରି,
ହୁଏତ ମୁଁ ଭୁଲି ସାରିଥାନ୍ତି ଅତୀତକୁ ମୋର,
ଆଉ ଘୃଣା କରୁଥାନ୍ତି ତୁମକୁ ଧିକ୍କାରି ।

ହେଲେ ସେମିତି କି କଲ ?
ନିଜେ ସୁନା ପାଲଟିଲ,
ମୋତେ ତିଳ ତିଳ କରି ମାରିବାକୁ
ତମେ ଜାଲ ଛନ୍ଦିଥିଲ !

*–ଚାନ୍ଦପୁର, ଓଉପଦା, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା*



ଦୀପିକା



ପ୍ରକୃତି

# ବିନ୍ଦୁସାଗର

ନୂଆ ଓଡ଼ିଆ ସିନେମା 'ବିନ୍ଦୁସାଗର'କୁ ନେଇ ଏବେ ଚର୍ଚ୍ଚା। ଏକ ଭିନ୍ନ ଧରଣର କାହାଣୀକୁ ନେଇ ଏହାକୁ ପ୍ରସ୍ତୁତ କରାଯାଇଛି। ଭାରତର ଅଗ୍ରଣୀ ଚଳଚ୍ଚିତ୍ର ନିର୍ମାକାରୀ ସଂସ୍ଥା ସ୍ଟୁ ପ୍ଲାଟୁନ ୱାନ ଫିଲ୍ମସ ବ୍ୟାନରରେ ଏହା ହେଉଛି ପ୍ରଥମ ଓଡ଼ିଆ ଚିତ୍ର। ଅନ୍ୟପକ୍ଷରେ ଶିଳାଦିତ୍ୟ ଭୋରା ଏହାର ପ୍ରଯୋଜନା କରିଛନ୍ତି। ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ଅଭିଷେକ ସ୍ୱାଇଁ। ଏହାର ନାୟକ ଭୂମିକାରେ ଅଭିନୟ କରିଛନ୍ତି ବର୍ତ୍ତମାନର ଅନ୍ୟତମ ବ୍ୟସ୍ତ ଅଭିନେତା ଦ୍ୱୀପନୀତ ଦାସ ମହାପାତ୍ର। ନାୟିକା ଚରିତ୍ରରେ ତାଙ୍କ ସହ ସ୍କ୍ରିନ୍ ଶେୟାର କରିଛନ୍ତି ପ୍ରକୃତି ମିଶ୍ର। ଏହି ଫିଲ୍ମ ସମ୍ପର୍କରେ ଶିଳାଦିତ୍ୟ ଭୋରା କହନ୍ତି,'' ଓଡ଼ିଆ ଚଳଚ୍ଚିତ୍ର ଶିଳ୍ପ ଖୁବ ଶୀଘ୍ର ନୂଆ ଉଚ୍ଚତାରେ ପହଞ୍ଚିବାକୁ ଯାଉଛି। ଆମେ ଏଭଳି ଏକ ଫିଲ୍ମ ନିର୍ମାଣ କରିବାକୁ ଯାଉଛୁ ଯାହା ସମାନୁରୂପେ ଯୁବବର୍ଗ, କର୍ମଜୀବୀ ଓ ବିଦେଶରେ ରହୁଥିବା ପ୍ରବାସୀ ଓଡ଼ିଆମାନଙ୍କୁ ଆକର୍ଷିତ କରିବ। 'ବିନ୍ଦୁସାଗର' ହେଉଛି ସମଗ୍ର ବିଶ୍ୱ ପାଇଁ ଓଡ଼ିଶାରେ ନିର୍ମିତ ଆମର ଦୃଷ୍ଟିକୋଣ।'' ନିଖିଳ ଚୌଧୁରୀ ଏମଡିସି ଫିଲ୍ମ ୱାର୍କର୍ସ ସହ ସହଭାଗିତାରେ ବିନୟ ରେଡ୍ଡୀ, ଶୁଭ ଶେଖର ଭଟ୍ଟାଚାର୍ଯ୍ୟ (ବାଉଣ୍ଡଲେସ୍ ବ୍ଲାକ୍‌ବଗ୍ ଫିଲ୍ମସ ) ମିଳିତ ଭାବେ ଏହାକୁ ନିର୍ମାଣ କରୁଛନ୍ତି। ଏହାପୂର୍ବରୁ ଅଭିଷେକଙ୍କ ନିର୍ଦ୍ଦେଶିତ 'ଯାଯାବର ୨.୦' ବକ୍ସ ଅଫିସରେ ଭଲ ବିଜ୍‌ନେସ୍ କରିଥିଲା। ତେବେ ଏହି ବିଗ୍ ବଜେଟ୍ ଫିଲ୍ମରେ କି ମସଲା ରହିଛି ତାହା ରିଲିଜ ପରେ ହିଁ ଜଣାପଡିବ।



କିଆରା

# କନ୍ନଡ ଫିଲ୍ମରୁ ଆରମ୍ଭ...

ଦୀପିକା ପାଦୁକୋନ୍‌ଙ୍କୁ ପ୍ରଥମେ ଏକ କନ୍ନଡ ସିନେମାର ଅଭିନୟ କରିବାର ସୁଯୋଗ ମିଳିଥିଲା। ଆଉ ଏଇଠୁ ହିଁ ଆରମ୍ଭ ହୋଇଥିଲା ତାଙ୍କର ବଡ ପରଦା କ୍ୟାରିୟର। ଏହି ସିନେମାର ଟାଇଟଲ ଥିଲା 'ଐଶ୍ୱର୍ଯ୍ୟା' (୨୦୦୬)। ତା'ପରେ ସେ ହିମେଶ ରେଶମିୟାଁଙ୍କ ଏକ ଭିଡିଓ ଆଲବମ୍ (ନାମ୍ ହେ ତେରା)ରେ ଅଭିନୟ କରିଥିଲେ। ତା'ପରେ ତାଙ୍କୁ ବଲିଉଡ୍‌ରେ ଆକ୍ଟିଂ କରିବାର ସୁଯୋଗ ମିଳିଥିଲା। କୋରିଓଗ୍ରାଫର-କମ୍-ନିର୍ଦ୍ଦେଶିକା ଫାରହା ଖାନ୍ ତାଙ୍କର ନୂଆ ସିନେମା 'ଓମ୍ ଶାନ୍ତି ଓମ୍' ପାଇଁ ଜଣେ ନବାଗତାଙ୍କ ସନ୍ଧାନରେ ଥିଲେ। ଆଉ ସେତିକି ବେଳେ ଦୀପିକାଙ୍କ କଥା ତାଙ୍କ ମନକୁ ଆସିଥିଲା। କାଳବିଳମ୍ବ ନ କରି ତାଙ୍କୁ ଯୋଗାଯୋଗ କରାଯାଇଥିଲା। ଆଉ ଏଭଳି ଏକ ସୁଯୋଗ ପାଇବା ପରେ ତାହାକୁ ଆଦୌ ହାତଛଡା କରି ନ ଥିଲେ ଦୀପିକା। ଏ ବିଷୟରେ ସେ କହନ୍ତି, ''ଫାରହା ମ୍ୟାଡମ ଯେତେବେଳେ ମୋତେ ଫୋନ୍ କରି ଏକଥା କହିଲେ ତାକୁ ମୁଁ ବିଶ୍ୱାସ କରିପାରି ନ ଥିଲି। କାରଣ ସେହି ଫିଲ୍ମର ନାୟକ ସାଜିଥିଲେ ଶାହରୁଖ ଖାନ୍। ଏତେ ବଡ ଆକ୍ଟରଙ୍କ ସହ ଅଭିନୟ କରିବାର ସୁଯୋଗ ଭାଗ୍ୟରେ ଥିଲେ ମିଳେ। ଆଉ ତା'ପରେ ଯାହା ଘଟିଲା ତାହା ବର୍ଣ୍ଣନା କରିବା ଅନାବଶ୍ୟକ।'' ସୂଚନାଯୋଗ୍ୟ, ୨୦୦୭ରେ ରିଲିଜ ହୋଇଥିବା 'ଓମ୍ ଶାନ୍ତି ଓମ୍'ର ବଜେଟ୍ ଥିଲା ୪୦କୋଟି। କିନ୍ତୁ ଏହା ବକ୍ସ ଅଫିସରେ ୧୫୨କୋଟି ଆୟ କରି ସୁପର୍ ହିଟ୍ ହୋଇଥିଲା।

# ପ୍ରିୟଙ୍କାଙ୍କ ସହ ଦେଖାହୋଇ ନ ଥିଲେ..

କିଆରା ଆଡଭାନୀ ବଲିଉଡ୍‌ରେ ବେଶ୍ କେତୋଟି ସିନେମାରେ ଅଭିନୟ କରିବା ପରେ ଏବେ ଘର ସଂସାର କରିସାରିଲେଣି। ହେଲେ ଅଭିନେତ୍ରୀ ହେବା ପଛରେ ସେ ସର୍ବାଗ୍ରେ ଗୋଟିଏ କଥାକୁ ସ୍ମରଣ କରନ୍ତି। ସେ କିପରି ଜଣେ ଅଭିନେତ୍ରୀ ହେଲେ ସେ ବିଷୟରେ କିଆରା କହନ୍ତି, ''ଏକଦା ମୋର ପ୍ରିୟଙ୍କା ଚୋପ୍ରାଙ୍କ ସହ ଭେଟ ହୋଇଥିଲା। ତାଙ୍କ ସହ କିଛି ସମୟ କଥା ହେବା ସମୟରେ ସେ ମୋତେ 'ଆକ୍ଟିଂ କାହିଁକି କରୁନ' ବୋଲି କହିଥିଲେ। ଏହି ସମୟରେ ଅଭିନୟକୁ ନେଇ ମୋ ମନରେ ଥିବା ଅନେକ ପ୍ରଶ୍ନାବଳୀର ସେ ସମାଧାନ କରିଦେଇଥିଲେ। ବାସ୍, ସେଇଠୁ ମୁଁ ଆକ୍ଟିଂକୁ କ୍ୟାରିୟର କରିବି ବୋଲି ନିଷ୍ପତ୍ତି ନେଇଥିଲି।'' ପ୍ରିୟଙ୍କାଙ୍କ ଅଭିନୀତ 'ଅଞ୍ଜାନା ଅଞ୍ଜାନୀ'ର କିଆରା ଚରିତ୍ରକୁ ଆଧାର କରି ନିଜ ନାମ ପରିବର୍ତ୍ତନ କରି ଆଲିଆରୁ କିଆରା ରଖିଥିଲେ।



ଫରହାନ୍

# ଭାବି ନ ଥିଲେ ଫର୍‌ହାନ୍

ବଲିଉଡ୍‌ର ବିଶିଷ୍ଟ ସଂଳାପକାର ଜାଭେଦ ଅଖତରଙ୍କ ପୁତ୍ର ଫର୍‌ହାନ୍। ସେ କଦାପି ବିଶ୍ୱାସ କରି ନ ଥିଲେ ଯେ, ତାଙ୍କ ନିର୍ଦ୍ଦେଶିତ ପ୍ରଥମ ସିନେମା 'ଦିଲ୍ ଚାହତା ହୈ' ବକ୍ସ ଅଫିସରେ ରେକର୍ଡ ସୃଷ୍ଟି କରିବ ବୋଲି। ୮କୋଟି ବଜେଟ୍‌ରେ ପ୍ରସ୍ତୁତ ଏହି ଫିଲ୍ମ ୩୫କୋଟି ଆୟ କରିବାରେ ସକ୍ଷମ ହୋଇଥିଲା। ଏହି ଫିଲ୍ମର ସେ ନିର୍ଦ୍ଦେଶନା ଦେବା ସହିତ ଏହାର କାହାଣୀ ମଧ୍ୟ ରଚନା କରିଥିଲେ। ଏ ବିଷୟରେ ଫରହାନ୍ କହନ୍ତି, ''ମୋ ନିର୍ଦ୍ଦେଶିତ ପ୍ରଥମ ସିନେମା 'ଦିଲ୍ ଚାହାତା ହୈ' ଯେତିକି ଇନ୍‌କମ୍ କଲା ତାହା ସମ୍ପୂର୍ଣ୍ଣ ଭାବରେ ମୋ ବିଶ୍ୱାସ ବାହାରେ ଥିଲା। ଫିଲ୍ମଟି ହିଟ୍ ହେବ ଏ ନେଇ ମୋର ଦୃଢ଼ ବିଶ୍ୱାସ ଥିଲା। ହେଲେ ଦର୍ଶକ ଏହାକୁ ତା'ଠାରୁ ଅଧିକ ଭଲ ପାଇବା ଦେଲେ। ଆଉ ତା'ପରେ ନିର୍ଦ୍ଦେଶନାକୁ କ୍ୟାରିୟର କରିବାକୁ ମୋର ଆଗ୍ରହ ଦ୍ୱିଗୁଣିତ ହୋଇଯାଇଥିଲା। ତା'ପରେ ଆହୁରି କେତୋଟି ସିନେମାର ନିର୍ଦ୍ଦେଶନା ଦେଲି। ଏହାବ୍ୟତୀତ କେତେକ ଫିଲ୍ମର କାହାଣୀ ଏବଂ ସଂଳାପ ମଧ୍ୟ ରଚନା କଲି। କିନ୍ତୁ ପରବର୍ତ୍ତୀ ସମୟରେ କେବଳ ଫିଲ୍ମ ପ୍ରଯୋଜନାରେ ହିଁ ଆଗେଇଛି। ଆଉ ପ୍ରଥମ ସିନେମାକୁ ଦର୍ଶକ ଗ୍ରହଣ କରିବା ପରେ ହିଁ ଏ ସବୁ ସମ୍ଭବ ହୋଇଛି।''



କାଜଲ

# କାହାକୁ ଡରନ୍ତି କାଜଲ

ତେଲୁଗୁ ସିନେମାରେ ଅଭିନେତ୍ରୀ କାଜଲ ଅଗ୍ରୱାଲ କେତେ ଲୋକପ୍ରିୟ ତାହା କହିବା ବାହୁଲ୍ୟ। ଇତିମଧ୍ୟରେ ସେ ତେଲୁଗୁ, ତାମିଲ ଏବଂ ହିନ୍ଦୀ ସିନେମାରେ ଅଭିନୟ କରିସାରିଲେଣି। ଅଭିନୟ କରିବା ପୂର୍ବରୁ ସେ ମାସ୍ ମିଡିଆ କମ୍ୟୁନିକେଶନରେ ଡିଗ୍ରୀ ହାସଲ କରିଥିଲେ। ହେଲେ ଗୋଟିଏ କଥାକୁ ତାଙ୍କର ଭାରି ଭୟ ରହିଛି। ତାହା କ'ଣ ଜାଣନ୍ତି ? ଅସଲ କଥା ହେଲା କାଜଲ କୁକୁରକୁ ଭାରି ଭୟ କରନ୍ତି। ଏ ବିଷୟରେ ସେ କହନ୍ତି, 'ସତ କଥା କହିବାକୁ ଗଲେ କୁକୁର ପ୍ରତି ମୋ ମନରେ ଭାରି ଭୟ ରହିଛି। ମୁଁ ଛୋଟ ଥିବା ବେଳେ ଏକଦା ଗୋଟିଏ କୁକୁର ମୋତେ ଗୋଡାଇଥିଲା। ସେହି ଦିନୁ କୁକୁର ପ୍ରତି ମୋ ମନରେ ଭୟ ରହିଆସିଛି। ଏବେ ଅବଶ୍ୟ ତାହା ଟିକେ ଟିକେ ଦୂର ହେଲାଣି। ହେଲେ ତାହା ସମ୍ପୂର୍ଣ୍ଣ ଭାବରେ ମନକୁ ଅପସରି ଯାଇନାହିଁ। ଏବେ ମୁଁ ଜୀବଜନ୍ତୁଙ୍କ ସୁରକ୍ଷାପାଇଁ କାମ କରୁଥିବା ଅନୁଷ୍ଠାନ 'ପେଟା' ସହ ଜଡିତ ଅଛି।'' ପାଠ ପଢ଼ିବା ପରେ କାଜଲ ମଡେଲିଂ ଦୁନିଆରେ ପାଦ ରଖିଥିଲେ। କିନ୍ତୁ ସେ ପ୍ରଥମେ ବଲିଉଡ୍‌ରେ ହିଁ ନିଜର ଅଭିନୟ ଜୀବନ ଆରମ୍ଭ କରିଥିଲେ। ୨୦୦୪ରେ ରିଲିଜ ହୋଇଥିବା 'କ୍ୟୁଁ ହୋ ଗୟା ନା'ରେ ସେ ଏକ ଛୋଟ ଭୂମିକାରେ ଅଭିନୟ କରିଥିଲେ। ତା'ପରେ ତେଲୁଗୁ ଫିଲ୍ମ 'ଲକ୍ଷ୍ମୀ କଲ୍ୟାନମ୍'ରେ ଡେବ୍ୟୁ କଲେ। ଏହାପରେ ତେଲୁଗୁ ସିନେମା 'ଚାନ୍ଦମାମା' ହିଟ୍ ସାବ୍ୟସ୍ତ ହେଲା। କାଜଲ ଆଉ ପଛକୁ ଫେରି ଚାହିଁ ନାହାନ୍ତି। ବର୍ତ୍ତମାନ ନିର୍ମାଣାଧୀନ ହିନ୍ଦୀ ସିନେମା 'ରାମାୟଣ-ପାର୍ଟ ୧'ରେ ସେ ଅଭିନୟ କରୁଛନ୍ତି।



ହୁମା

# ଜାରି ରହିଛି ଲେଖାଲେଖି

ହୁମା କୁରେଶୀଙ୍କର ଏକ ଭଲ ଗୁଣ ଅଛି। ତାହା ହେଲା ଲେଖାଲେଖି। ପାଠପଢ଼ା ବେଳୁ ଏଭଳି ଚିନ୍ତାଧାରା ତାଙ୍କ ମନରେ ଉଦ୍ରେକ ହୋଇଥିଲା। ସ୍କୁଲରେ ଏକଦା ସେ ଗୋଟିଏ ଛୋଟ କବିତା ଲେଖିଥିଲେ। ସେଥିରୁ ପ୍ରଶଂସା ସାଉଁଟିବା ପରେ ଲେଖାଲେଖି ପ୍ରତି ତାଙ୍କ ମନରେ ଆହୁରି ଆଗ୍ରହ ସୃଷ୍ଟି ହୋଇଥିଲା। ଆଉ ଏବେ ମଧ୍ୟ ତାଙ୍କର ଏହି ଧାରା ଜାରି ରହିଛି। ହୁମା କୁହନ୍ତି, ''ସ୍କୁଲ ସମୟରେ ମୋର ଏକ ଛୋଟ କବିତା ଦେଖି ଆମ କ୍ଲାସ ଟିଚର ତାହାକୁ ଭାରି ପ୍ରଶଂସା କରିଥିଲେ। ତା'ପରେ ଲେଖାଲେଖି ପ୍ରତି ମୋର ମନ ଆହୁରି ଢ଼ଳିଥିଲା। ଏବେ ମୁଁ ଚିନ୍ତା କରୁଛି ମୋ ବାୟୋଗ୍ରାଫି ଲେଖିବି ବୋଲି। ଏ ନେଇ ପ୍ରାରମ୍ଭିକ କାମ ଆରମ୍ଭ କରିଦେଇଛି।'' ହୁମା ପ୍ରଥମେ 'ବିଲ୍ଲା ୨' ଟାଇଟଲ୍ ବିଶିଷ୍ଟ ଏକ ତାଲିମ ଫିଲ୍ମ ସାଇନ୍ କରିଥିଲେ। ହେଲେ ଏହାର ଶୁଟିଂରେ ବିଳମ୍ବ ହେବାରୁ ସେ ବିରକ୍ତ ହୋଇ ସିନେମାରୁ ଓହରି ଯାଇଥିଲେ। ତା'ପରେ ସେ କେତୋଟି ବିଜ୍ଞାପନ ପାଇଁ କାମ କରିଥିଲେ। ଏକ ବିଜ୍ଞାପନରେ ତାଙ୍କୁ ନିର୍ଦ୍ଦେଶକ ଅନୁରାଗ କଶ୍ୟପ ଦେଖିଥିଲେ। ସତେଯେମିତି ଏହିଠାରେ ହିଁ ତାଙ୍କ ପାଇଁ ଏକ ସୁବର୍ଣ୍ଣ ସୁଯୋଗ ଅପେକ୍ଷା କରିଥିଲା। 'ଗ୍ୟାଙ୍ଗସ୍ ଅଫ ୱାସେପୁର'ରେ ନାୟିକା ଭାବରେ ଅଭିନୟ କରିବାକୁ ଅଫର୍ ପାଇବା ପରେ ସେ ଗ୍ରୀନ୍ ସିଗ୍‌ନାଲ ଦେଖାଇଥିଲେ। ବର୍ତ୍ତମାନ ସେ ନିର୍ମାଣାଧୀନ ହିନ୍ଦୀ ସିନେମା 'ପୂଜା ମେରି ଜାନ୍' ଏବଂ 'ଗୁଲାବି'ରେ ଅଭିନୟ କରୁଛନ୍ତି।

# ମୁରୁକି ହସର ଭିତରି କଥା, ଘଡ଼ିକେ ଘୂରାଇ ଦେଉଛି ମଥା

**ପ୍ରଶ୍ନ**–ଜଣେ ସୁନ୍ଦରୀ ଥରେ ମୋତେ ଦେଖି ମୁରୁକି ହସିଦେଲା। ଇତି ମଧ୍ୟରେ ସେ ମୋ ମନର ଏକ ସ୍ୱତନ୍ତ୍ର ସ୍ଥାନରେ ରହିସାରିଛି। ହେଲେ ଏପରି ପ୍ରେମରେ କେମିତି ଆଗେଇବି ଜାଣିପାରୁନାହିଁ। କ'ଣ କରିବି ?

*–ପ୍ରଶାନ୍ତ କୁମାର, ଅନୁଗୋଳ*

**ଉତ୍ତର :** ସେହି ସୁନ୍ଦରୀର ମୁରୁକି ହସରେ ବୋଧହୁଏ ମ୍ୟାଜିକ୍ ଥିଲା। ଦେଖୁନାହାନ୍ତି, ତାହାର ପ୍ରଥମ ହସରେ ହିଁ ଆପଣଙ୍କ ମନ କେମିତି ତା' ନିକଟରେ ବନ୍ଧା ପଡିଯାଇଛି। 'ମୁରୁକି ହସର ଭିତରି କଥା, ଘଡ଼ିକେ ଘୂରାଇ ଦେଉଛି ମଥା।' କିନ୍ତୁ ଏହି ସମୟରେ ଧୈର୍ଯ୍ୟ ଧରି ଆଗାନ୍ତୁ। ପ୍ରଥମେ ଜାଣି ନିଅନ୍ତୁ ଯେ ସେ ଝିଅ ଆପଣଙ୍କୁ ଭଲ ପାଉଛି କି ନାହିଁ। ନ ହେଲେ ଏକତରଫା ପ୍ରେମ ନିଶାରେ ବାୟା ହୋଇ ଆପଣ କେବଳ ମରିଚିକା ପଛରେ ଧାଇଁବା ସାର ହେବ। ଯଦି ସେପଟୁ ଗ୍ରୀନ୍ ସିଗ୍ନାଲ ରହିଛି, ତେବେ କିଛି ପରବାୟ ନାହିଁ। ଏଣିକି ଆପଣଙ୍କ ମନର ମାନସୀ ସହ ଆପଣ ପ୍ରେମର ନୌକାକୁ ଆଗକୁ ବାହି ନେଇ ଯାଇପାରିବେ।

**ପ୍ରଶ୍ନ**–ଜଣେ ରୂପସୀ ମୋତେ ସବୁବେଳେ କଣେଇ କଣେଇ ଚାହୁଁଛି। ହେଲେ ତାକୁ ଯଦି ମୋ ମନର କଥା କୁହେ, ସେ ତାକୁ ଗ୍ରହଣ କରିବ କି ?

*–ବିବେକ ନାୟକ, ଖୋର୍ଦ୍ଧା*

**ଉତ୍ତର :** ସେହି ରୂପସୀର ଚୋରା ଚାହାଣିରେ ହୁଏତ ପ୍ରେମର ପହିଲି ସଙ୍କେତ ଲୁଚି ରହିଛି। ମନକୁ ଥଣ୍ଡା କରି ତାହାକୁ ଭଲ ଭାବରେ ତର୍ଜମା କରନ୍ତୁ। ଯଦି ପ୍ରେମ କରିବାକୁ ଅଣ୍ଟା ଭିଡିଛନ୍ତି ତେବେ ମନରେ କୌଣସି ପ୍ରଶ୍ନବାଚୀ ରଖନ୍ତୁ ନାହିଁ। ଏପରି ବଲ୍ ପକାନ୍ତୁ ଯେମିତି ଆପଣଙ୍କ ପ୍ରେମିକା ଏକାଥରେ କ୍ଲିନ୍ ବୋଲ୍ଡ ହୋଇଯିବ।

**ପ୍ରଶ୍ନ**–ପ୍ରେମର ସ୍ୱାଦ ମିଠା କି ଖଟା କହିବେ କି ସାଥୀ ?

*–ତନ୍ମୟ ପ୍ରଧାନ, ପାରାଦୀପ*

**ଉତ୍ତର :** ପ୍ରେମ ନ କଲେ ଏହାର ସ୍ୱାଦ ଜାଣିପାରିବେ ନାହିଁ। କେବଳ ଶୁଣିକରି ମନ ଖୁସି କରିବା କଥା। ହେଲେ ଯଦି ଆପଣ ସଚ୍ଚା ପ୍ରେମ କରୁଛନ୍ତି, ଆଉ ସେଥିରେ ଟିକିଏ ହେଲେ ଆବିଳତା ନାହିଁ, ତେବେ ସେହି ପ୍ରେମ ସବୁବେଳେ ରସଗୋଲା ପରି ମିଠା। ହେଲେ ସେହି ପ୍ରେମରେ କିନ୍ତୁ, ଯଦି ପରି ଭାଇରସ୍ ସବୁବେଳେ ଘୂରି ବୁଲନ୍ତି, ତେବେ ଏଭଳି ପ୍ରେମରେ ମନ ଖାଲି ପିତା ପିତା ଲାଗିବ। ତେଣୁ ପ୍ରଥମେ ନିଜ ପ୍ରେମ କିପରି ନିର୍ମଳ ରହିବ ସେଥିପ୍ରତି ଧ୍ୟାନ ଦିଅନ୍ତୁ। ଆଉ ତା'ପରେ ପ୍ରେମର ସ୍ୱାଦ କ'ଣ କାହାକୁ ପଚାରିବାକୁ ପଡିବ ନାହିଁ, ନିଜେ ନିଜେ ଅନୁଭବ କରିପାରିବେ।

**ପ୍ରଶ୍ନ**–ସାଙ୍ଗ କଥାରେ ପଡି ମୁଁ ଜଣେ ଝିଅକୁ ଭଲ ପାଇଲି। ବେଶ୍ କିଛି ମାସ ଆମର ପ୍ରେମ ଆଗକୁ ଆଗେଇଲା। ହେଲେ ଏବେ ମୋ ପ୍ରେମିକା ମୋଠାରୁ ଦୂରେଇଯିବାକୁ ଚାହୁଁଛି। ଏବେ ମୁଁ ଏହି ସମସ୍ୟାର ସମାଧାନ କିପରି କରିବି ?

*–ବିରଞ୍ଚି, ଯାଜପୁର*

**ଉତ୍ତର :** ଯେତେବେଳେ ସାଙ୍ଗ କଥାରେ ପଡି ସେହି ସୁନ୍ଦରୀକୁ ଭଲ ପାଇ ବସିଲେ, ସେତେବେଳେ ସେ ନେଇ ଗଭୀର ଭାବରେ ଚିନ୍ତା କରିବାର ଥିଲା। ପ୍ରେମିକା ଚୟେସ୍ କରିବା ସମୟରେ ବୋଧହୁଏ କିଛି ଭୁଲ୍ ଭଟକା ରହିଯାଇଛି। ଆପଣଙ୍କ ପ୍ରେମିକା ଆପଣଙ୍କଠାରୁ ଦୂରେଇ ଯିବାକୁ ଚାହୁଁଛି। ଯଦି ଏକଥା ସତ ହୋଇଥାଏ, ତେବେ ସେଭଳି ପ୍ରେମ ଆଉ ପ୍ରେମିକା ଉପରେ ଭରସା କରିବା ଠିକ୍ ନୁହେଁ। କାରଣ ସେ ହୁଏତ ଅଧା ବାଟରେ ଆପଣଙ୍କ ହାତ ଛାଡି ଦେବାର ଯଥେଷ୍ଟ ସମ୍ଭାବନା ରହିଛି। ତେଣୁ ପୂର୍ବରୁ ସତର୍କ ରହିବା ନିହାତି ଜରୁରୀ।

**ପ୍ରଶ୍ନ**–ମୋ ପ୍ରଥମ ପ୍ରେମକୁ ମୁଁ ଭୁଲିପାରୁନି। ସେ ସିନା ମୋତେ ଧୋକା ଦେଇ ଚାଲିଗଲା। ଏବେ ମୁଁ ଆଉ ଜଣେ ଝିଅକୁ ଭଲ ପାଇବି ବୋଲି ଚିନ୍ତା କରୁଛି। ଏ ନେଇ ଆଗେଇବା ଠିକ୍ ହେବ ତ ?

*–ଦୀପକ, ନୟାଗଡ଼*

**ଉତ୍ତର :** ଏଣେ ପ୍ରଥମ ପ୍ରେମକୁ ଭୁଲିପାରୁନାହାନ୍ତି। ସେପଟେ ଉଲ୍ଲେଖ କରିଛନ୍ତି ଯେ ଆଉ ଥରେ ପ୍ରେମ ନଈରେ ଡୁବ ପକାଇବାକୁ ମନ କଲେଣି। ଏପରି ଦୁଇ ନାଆରେ ଗୋଡ ଦେଲେ କିଛି ଲାଭ ହେବ ନାହିଁ। ପ୍ରଥମେ ନିଜ ମନକୁ ନିର୍ମଳ ରଖନ୍ତୁ। ଯେଉଁ ପ୍ରେମରେ ଧୋକା ଖାଇଥିଲେ ସେଭଳି ପ୍ରେମକୁ ଯଦି ସବୁବେଳେ ମନେ ପକାଇବେ ତେବେ ତାହ ମନ ଭିତରେ ସେମିତି ଦୁକୁ ଦୁକୁ ହୋଇ ଜଳୁଥିବ ଆଉ ତାହାର ପ୍ରଭାବରେ ନା ଆପଣ ଆଗକୁ ଯିବେ ନା ସେହି ପ୍ରେମକୁ ଭୁଲିପାରିବେ। ତେଣୁ ପ୍ରଥମେ ସେହି ପ୍ରେମରେ ସବୁଦିନ ପାଇଁ ପୂର୍ଣ୍ଣଛେଦ ଟାଣି ଦିଅନ୍ତୁ। ଯଦି ପୁଣି ଥରେ ପ୍ରେମ କରିବାକୁ ମନ ବଳାଇଛନ୍ତି ତେବେ ଏମିତିକା ପ୍ରେମିକାଟିଏ ଖୋଜନ୍ତୁ ଯିଏ ସାରା ଜୀବନ ଆପଣଙ୍କ ପାଖରେ ରହିଥିବ।



ସାଥୀ

ପ୍ରଥମ ରୋଜଗାର

# ବଞ୍ଚିବାର ଗୁରୁମନ୍ତ୍ର ଦେଇଥିଲା ମୋ ପ୍ରଥମ ରୋଜଗାର



ଚିତ୍ରକର, ସାହିତ୍ୟିକ ଓ ଡାକ୍ତର **ରାଜେନ୍ଦ୍ର କୁମାର ବେହେରା** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

ଅଭାବ କଷଣ କେମିତି ହୋଇପାରେ ହେତୁ ପାଇଲା ଦିନରୁ ଅନୁଭବ କରିଛି। ଭାଇ ଭଉଣୀଙ୍କୁ ନେଇ ବଡ଼ ପରିବାର ଆମର। ନିଅଣ୍ଟ ପଡ଼େ ଅର୍ଥ । ସେଭଳି ପରିସ୍ଥିତିରେ ସରିଥିଲା ମୋର ପ୍ରାଥମିକ ଶିକ୍ଷା। ରେଜଲ୍ଟ ଭାରି ଭଲ କରିଥିଲି ହାଇସ୍କୁଲରେ। ଅର୍ଥ ସିନା ଅଭାବ ହେଉଥିଲା କୌଣସି କାର୍ଯ୍ୟକୁ ସୁଚାରୁ ରୂପେ ସମ୍ପନ୍ନକରିବା ପାଇଁ କିନ୍ତୁ ମୋର ମନୋବଳ ଦୃଢ଼ ଥିଲା। ବାପା ପାଲାଗାୟକ ଥିବାରୁ ରୁଚି ଥିଲା ସଙ୍ଗୀତରେ। ଚିତ୍ର ଭଲ ହୁଏ ତେଣୁ କଲେଜ ପଢୁଥିବା ସମୟରେ ପ୍ରାୟ ସମୟ କାଟିଦେଉଥିଲି ସାଙ୍ଗସାଥୀଙ୍କ ସହ ଖଲିକୋଟ୍ ଆର୍ଟ କଲେଜର ହଷ୍ଟେଲରେ। ଚିତ୍ର କରିବାର ମୌଳିକ ଗୁଣଗୁଡ଼ିକ ଜାଣିବାକୁ ପାଉଥିଲି। ଆମ ଗାଁରେ ଥିବା ଜଣେ ବୁଢ଼ୀ ମଣିଷ ଆଖି ହରେଇ କେଡ଼େ କଷ୍ଟରେ ମରିଥିବା ମୁଁ ଦେଖିଥିଲି ପିଲାବେଳେ। ଚାହିଁଥିଲି ଆଖି ବିଭାଗରେ ଡାକ୍ତର ହୋଇ ଅନ୍ଧତ୍ୱ ଉପରେ କାମ କରିବି। ଯେତେବେଳେ ମେଡିକାଲ କଲେଜରେ ପଢ଼ିବାକୁ ମୋତେ ସୁଯୋଗ ମିଳିଲା ଏବଂ ନାଁ ଲେଖାଇବା କଥା ଉଠିଲା, ବାପା ମନାକଲେ ଏମ୍‌ବିବିଏସ୍ ପଢ଼ିବା ପାଇଁ। ବାପା ମୋତେ ବୁଝେଇଲେ, ଡାକ୍ତରୀ ପଢ଼ିବା ପାଇଁ ଖର୍ଚ୍ଚ ଅଧିକ ହୁଏ। ଘରେ ଆମେ ରହୁଥିବା ୧୦ଜଣ ସଦସ୍ୟଙ୍କ ଖାଇବା ପିଇବା ପିନ୍ଧିବା ଭଳି ଆବଶ୍ୟକତାକୁ ପୂରଣ କରିବାକୁ ଯେଉଁ ଖର୍ଚ୍ଚ ଦରକାର ପଡୁଥିଲା ବାପା କରିପାରୁ ନ ଥିଲେ। ତେଣୁ ବାପା ତାଙ୍କ ଆର୍ଥିକ ଦୁରବସ୍ଥା ଦେଖାଇ ପାଠ ପଢ଼ିବାକୁ ମନା କରିଥିଲେ। ମୁଁ ସହଜରେ ହାର୍ ମାନେ ନାହିଁ।

ସେଦିନ ମୁଁ ବାପାଙ୍କୁ କହିଥିଲି, "ବାପା ତୁମେ ମୋତେ ଜନ୍ମ ଦେଇଛ କିନ୍ତୁ ଭାଗ୍ୟ ଦେଇନ। ମୁଁ କାଲି ବ୍ରହ୍ମପୁର ଯାଉଛି ସାଙ୍ଗମାନଙ୍କ ପାଖରେ ରହି ଚେଷ୍ଟା କରିବି। ମେଡିକାଲ ପଢ଼ିବା ପାଇଁ ହୋଇଥିବା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇସାରିଛି ମାନେ ମୁଁ ନିଶ୍ଚୟ ପଢ଼ିବି।" କେଉଁଝରର ଜଣେ ସିନିୟର ଭାଇ ରବି ନାରାୟଣ ରାଉତ ୧୭୦ ଟଙ୍କା ଦେଇ ମୋତେ ମେଡିକାଲରେ ନାଁ ଲେଖାଇବାର ବାଟ ପରିଷ୍କାର କରିଦେଲେ। ହଷ୍ଟେଲରେ ରହିବା ପାଇଁ ଖର୍ଚ୍ଚ ଲୋଡ଼ା। ନୂଆ ବର୍ଷ ଆସୁଥାଏ ମୁଁ ୫ଶହ ଟଙ୍କା ଧାର କରି ସେଥିରେ ଭାପୁର ବଜାରରୁ ଧଳା କାର୍ଡ ବୋର୍ଡ, ପୋଷ୍ଟର ରଙ୍ଗ, ଅଠା, ବ୍ରଶ୍, ତୂଳୀ, କଇଁଚି ସବୁ କିଣି ଆଣିଲି। ଦିନର ସବୁ କାମ ସାରି ରାତି ୧୨ଟାରୁ ୩ଟା ଯାଏଁ ଗ୍ରୀଟିଙ୍ଗ୍ସ ବନାଇଲି। ସକାଳେ ୭ରୁ ସନ୍ଧ୍ୟା ୫ ଯାଏଁ ମେଡିକାଲ କଲେଜରେ ପାଠ ପଢ଼େ। ମୋର ହାତ ତିଆରି ଗ୍ରୀଟିଙ୍ଗ୍ସ କାର୍ଡ ବିଭିନ୍ନ ଛକରେ ଯଥା ସେଲ ଟ୍ୟାକ୍ସ ଅଫିସ୍, ଟାଟା ବେଞ୍ଚ ଛକ, କମାପଲ୍ଲୀ ଛକ, ସୁବାରାଓ ଛକ, ପୁରୁଣା ବସ୍‌ଷ୍ଟାଣ୍ଡର ବିଭିନ୍ନ ଦୋକାନରେ ବିକ୍ରି କରିବାକୁ ଦେଲି। କାର୍ଡଗୁଡିକ ଦେଖିବାକୁ ବଡ଼ ଲୋଭନୀୟ ଓ ଆକର୍ଷଣୀୟ ଥିଲା। ଦୋକାନୀମାନେ ମୋତେ କହିଥିବା ଦାମ୍‌ଠାରୁ ଅଧିକ ଦାମ୍‌ରେ କାର୍ଡଗୁଡିକ ବିକ୍ରି କରୁଥିଲେ। ସେତେବେଳେ ମୋ ହାତ ତିଆରି କାର୍ଡରେ ଶୁଖିଲା ଗୋଲାପ ଫୁଲ, ପତ୍ର, ପକ୍ଷୀପର, ସରୁ କାଠି , ଛଣ କୁଟାର କାମ ରହୁଥିଲା। ବନ୍ଧୁତା , ସମ୍ପର୍କ ଓ ପ୍ରେମକୁ ନେଇ ଦାର୍ଶନିକ କୋଟେଶନ ରଖୁଥିଲି। ସମସ୍ତଙ୍କୁ ବିଶେଷକରି ପାଗଳ ପ୍ରେମୀଙ୍କୁ ସେସବୁ ଖୁବ୍ ଭଲ ଲାଗୁଥିଲା। ତେଣୁ ଖୁବ୍ ଶୀଘ୍ର ଚଢ଼ା ଦାମ୍‌ରେ ଗ୍ରୀଟିଙ୍ଗ୍ସ ବିକ୍ରି ହୋଇଗଲା


ହଷ୍ଟେଲରେ ରହି ଖାଇବା ପାଇଁ ମିଲ୍ ପିଛା ୫ ଟଙ୍କା ହିସାବରେ ଦିନକୁ ୧୦ଟଙ୍କା ଥିଲା। ମାସକୁ ୩ଶହ ଟଙ୍କା ହିସାବରେ ବର୍ଷକୁ ୩୬୦୦ ଦରକାର ପଡୁଥିଲା। ନୂଆ ବର୍ଷରେ ମୋ ଦ୍ୱାରା ପ୍ରସ୍ତୁତ ଗ୍ରୀଟିଙ୍ଗ୍ସରୁ ମୁଁ ୪୮୦୦ଟଙ୍କା ରୋଜଗାର କରିଥିଲି। ଧାର କରିଥିବା ୫୦୦ ଟଙ୍କା ଯାଇ ମୋ ପାଖରେ ରହିଲା ୪୩୦୦ଟଙ୍କା। ବର୍ଷକର ହଷ୍ଟେଲ ଖର୍ଚ୍ଚ ଉଠେଇବାକୁ ଯଥେଷ୍ଟ ଥିବା ପଇସା ମୋତେ ଆଜିକା ସମୟରେ ୪୩ କୋଟି ଟଙ୍କାର ଅନୁଭବ ଦେଉଛି। ସେଦିନର ରୋଜଗାର ମୋ ଜୀବନରେ କେବଳ ଆର୍ଥିକ ସ୍ୱଚ୍ଛଳତା ଆଣି ଦେଇ ନ ଥିଲା ବରଂ ନିଜ ଗୋଡ଼ରେ ଠିଆହେବାର ବଳ ଓ ଆତ୍ମବିଶ୍ୱାସ ଆଣି ଦେଇଥିଲା। ଶତ ସିଂହର ବଳ ଆସି ଯାଇଥିଲା ମୋ ଭିତରେ। ଆଗକୁ ବଢ଼ିବାକୁ ଅଦମ୍ୟ ଉତ୍ସାହ ଭରିଦେଇଥିଲା ମୋ ପହିଲି ରୋଜଗାର। ଖୁସିହେବା ସଙ୍ଗେ ସଙ୍ଗେ ବଞ୍ଚିବାର ଗୁରୁମନ୍ତ୍ର ପାଇଯାଇଥିଲି ଯେମିତି।





# ପ୍ରଥମ ଭାରତୀୟ ଆତ୍ମଜୀବନୀ ଲେଖିକା

–ପ୍ରଦୀପ କୁମାର ରାୟ

**ଭା**ରତୀୟ ଉପମହାଦେଶରେ ନାରୀ ପ୍ରଗତିର ଇତିହାସ ଆଡ଼େଇଲେ ଏଭଳି କିଛି ନାମ ସାମ୍ନାକୁ ଆସେ, ଯେଉଁମାନଙ୍କର ଅବସ୍ଥାନ ଉଚ୍ଚକିତ ନାରୀମାନଙ୍କର ଠିକ୍ ବିପରୀତ ବିନ୍ଦୁରେ ଅବସ୍ଥିତ। ସେମାନେ ବିଦ୍ରୋହିଣୀ ତ ନୁହନ୍ତି ବରଂ ବିନା ଦ୍ୱିଧାରେ ପିତୃତନ୍ତ୍ରର ଆନୁଗତ୍ୟ ସ୍ୱୀକାର କରି ଜୀବନ ଅତିବାହିତ କରିଛନ୍ତି। ସେମିତି ଜଣେ ନାରୀ ହେଉଛନ୍ତି **ଶ୍ରୀମତୀ ରାସସୁନ୍ଦରୀ ଦେବୀ** (୧୮୧୦ –୧୮୯୯ )। ଅତ୍ୟନ୍ତ ସାଧାରଣ ଏହି ନାରୀ ଅସାଧାରଣତ୍ୱରେ ଉତ୍ତୀର୍ଣ୍ଣା ହୁଅନ୍ତି ନିଜର ଏକ ସ୍ୱପ୍ନକୁ ଅନୁଧାବନ କରି। ତାଙ୍କର ସ୍ୱପ୍ନ ଥିଲା ପଢ଼ିବା ଲେଖିବା ଶିଖିବେ। ଊନବିଂଶ ଶତକର ପ୍ରଥମ ଦଶକରେ ଜନ୍ମ ଗ୍ରହଣ କରିଥିବା ଘୋର ରକ୍ଷଣଶୀଳ ସମାଜର ହିନ୍ଦୁ ପରିବାରର କୌଣସି କନ୍ୟା ବା ବଧୂର ଏହି ସାମାନ୍ୟ ସ୍ୱପ୍ନ ବା ସଉକ ପୂରଣ କରିବା ଯେ କେତେ ଦୁଃସାଧ ହୋଇପାରେ ସହଜରେ ହିଁ ଅନୁମେୟ । କିନ୍ତୁ ରାସସୁନ୍ଦରୀ ଦେବୀ ତାହା ସମ୍ଭବ କରନ୍ତି ଆଉ ହୁଅନ୍ତି ଭାରତବର୍ଷର ପ୍ରଥମ ଆତ୍ମଜୀବନୀ ଲେଖିକା। ହଁ, କଥାଟି ଅବିଶ୍ୱାସ୍ୟ ମନେ ହେଉଥିଲେ ମଧ୍ୟ ସତ୍ୟ ଯେ ବାରଗୋଟି ସନ୍ତାନର ଜନନୀ ଏବଂ ସହରୀ ସମାଜଠାରୁ ବହୁ ଦୂରରେ ଏକ ଅପନ୍ତରା ଗାଁରେ ସାରା ଜୀବନ ବିତାଇଥିବା ସ୍ୱୟଂ ଶିକ୍ଷିତା ଏହି ନାରୀ ହିଁ ଭାରତବର୍ଷରେ ପ୍ରଥମ ଆତ୍ମଜୀବନୀ 'ଆମାର ଜୀବନ' ରଚନା କରନ୍ତି। ତାଙ୍କର ଏହି ଆତ୍ମପ୍ରକାଶର ଇଚ୍ଛା କେବଳ ଏକ ଐତିହାସିକ ଘଟଣା ମାତ୍ର ନୁହେଁ, ବଙ୍ଗଳା ସାହିତ୍ୟର ଇତିହାସ ମଧ୍ୟ ତାଙ୍କ ପାଖରେ ଚିର ଋଣୀ। 'ଆମାର ଜୀବନ' ପଢ଼ି ମୁଗ୍ଧ ହୋଇ ଜ୍ୟୋତିରୀନ୍ଦ୍ରନାଥ ଠାକୁର ବହିଟିର ଭୂମିକାରେ ଲେଖିଥିଲେ ''ଏହି ଗ୍ରନ୍ଥଟି ୮୮ ବର୍ଷ ବୟସର ଜଣେ ବର୍ଷୀୟସୀ ନାରୀଙ୍କର ଲେଖା। ଫଳତଃ ବିଶେଷ କୌତୂହଳୀ ହୋଇ ମୁଁ ଏହି ଗ୍ରନ୍ଥ ପାଠରେ ପ୍ରବୃତ୍ତ ହୁଏ। ମନେ ମନେ ଭାବିଥିଲି ଯେଉଁଠାରେ କୌଣସି ଭଲକଥା ପାଇବି, ସେହିଠାରେ ପେନ୍ସିଲରେ ଦାଗ ଦେବି। ପଢୁ ପଢୁ ଦେଖିଲି ପେନ୍ସିଲ ଦାଗରେ ସମଗ୍ର ଗ୍ରନ୍ଥଟି ଭରିଗଲା। ବସ୍ତୁତଃ ତାଙ୍କ ଜୀବନର ଘଟଣାବଳୀ ଏପରି ବିସ୍ମୟଜନକ ଏବଂ ତାଙ୍କ ଲେଖାରେ ଏଭଳି ଏକ ଅକୃତ୍ରିମ ସରଳ ମାଧୁର୍ଯ୍ୟ ଅଛି ଯେ, ଗ୍ରନ୍ଥଟି ପଢ଼ିବାକୁ ବସି ଶେଷ ନ କରିବା ସହଜ ନୁହେଁ ।''




ପ୍ରକାଶକ ଦୀନେଶଚନ୍ଦ୍ର ସେନ 'ଗ୍ରନ୍ଥ ପରିଚୟ' ଦେବାକୁ ଯାଇ ଲେଖିଛନ୍ତି – 'ଆମାର ଜୀବନ' ପୁସ୍ତକଟି କେବଳ ରାସସୁନ୍ଦରୀଙ୍କର କଥା ନୁହେଁ, ଏହା ସେକାଳର ହିନ୍ଦୁ ରମଣୀମାନଙ୍କର କଥା ; ଏହା ଚିତ୍ର ପରି ଯଥାଯଥ ଓ ଅକପଟ– ମହିଳାମାନଙ୍କର ଚିତ୍ର, ଆମ ସାହିତ୍ୟରେ ଆଉ ଦ୍ୱିତୀୟ ନାହିଁ । ଏଠାରେ ସ୍ୱତଃ ମନ ଭିତରେ ପ୍ରଶ୍ନ ଜନ୍ମ ନେଇପାରେ ଯେ, 'ଆମାର ଜୀବନ' ଗ୍ରନ୍ଥର ଗୁରୁତ୍ୱ କ'ଣ କେବଳ ସାହିତ୍ୟ–ଗୁଣ ପାଇଁ ନା ଐତିହାସିକ ମୂଲ୍ୟ ହେତୁ ? ଉତ୍ତର ହେଉଛି ଉଭୟ ଦୃଷ୍ଟିରୁ ଏବଂ ତତୋଧିକ ଆହୁରି କିଛି। ବିଦ୍ୟାସାଗର କିମ୍ବା ବଙ୍କିମ ଚନ୍ଦ୍ର କାହାରିକୁ ନ ପଢ଼ି ସେମାନଙ୍କ ଯୁଗର ଜଣେ ନାରୀ ନିଜେ ନିଜେ ଅକ୍ଷର ଶିଖି ଏମିତି ସୁନ୍ଦର ଜୀବନ ସ୍ମୃତି ଲେଖିଛନ୍ତି, ଯାହା ବିଜ୍ଞ ଜ୍ୟୋତିରୀନ୍ଦ୍ରନାଥ ଠାକୁରଙ୍କୁ ମଧ୍ୟ ମୁଗ୍ଧ କରିପାରେ। ଏହା ଯେପରି ବିସ୍ମୟକର ପୁନଶ୍ଚ ଯେଉଁ ସମୟର କଥା ସେ ଲେଖିଯାଇଛନ୍ତି ତାଙ୍କରି ଭାଷାରେ ତାହା ମଧ୍ୟ ପ୍ରଣିଧାନଯୋଗ୍ୟ । କିନ୍ତୁ ସବୁଠାରୁ ଉଲ୍ଲେଖନୀୟ ବିଷୟ ହେଉଛି ଯେ ଏହି ଆତ୍ମଚରିତ ଜଣେ ସାଧାରଣ ନାରୀଙ୍କର ନିଜସ୍ୱ ବୟାନ । ତତ୍କାଳୀନ ଭାରତୀୟ ସମାଜରେ ନାରୀ ପ୍ରତି ପୁରୁଷର ଆଚରଣ ପ୍ରସଙ୍ଗରେ ରାଜା ରାମମୋହନ ରାୟ ୧୮୧୯ ମସିହାରେ ଲେଖିଥିଲେ – ''ବିବାହ ବେଳେ ସ୍ତ୍ରୀକୁ ଅର୍ଦ୍ଧାଙ୍ଗିନୀ ବୋଲି ସ୍ୱୀକାର କରନ୍ତି, କିନ୍ତୁ ବ୍ୟବହାର ବେଳେ ପଶୁଠାରୁ ନୀଚ ମନେକରି ବ୍ୟବହାର କରନ୍ତି।'' ରାଜା ରାମମୋହନ ରାୟଙ୍କୁ ଆଦୌ ନ ପଢ଼ି ମଧ୍ୟ ସତେ ଯେମିତି ରାଜା ରାମମୋହନଙ୍କ କଥା ରାସସୁନ୍ଦରୀ ଦେବୀ ତାଙ୍କର ଆତ୍ମଜୀବନୀରେ ନିଜ ଭାଷାରେ ଲେଖିଛନ୍ତି – ''ସେ ସମୟର ନାରୀମାନେ ନିତାନ୍ତ ହତଭାଗ୍ୟ। ଝିଅମାନଙ୍କ ହାତରେ କାଗଜ ଦେଖିଲେ ତାହା ଭାରି ବିରୁଦ୍ଧ କର୍ମ ଜ୍ଞାନ କରି ବୃଦ୍ଧ ଠାକୁରମାନେ ଅତିଶୟ ଅସନ୍ତୋଷ ପ୍ରକାଶ କରୁଥିଲେ.. !'' ଅଥବା ''ସେତେବେଳେ ନାରୀମାନେ ଲେଖାପଢ଼ା ଶିଖୁ ନ ଥିଲେ, ଘରର ଖିଆପିଆ କର୍ମ ଶେଷକରି ଯେଉଁ କିଞ୍ଚିତ ଅବକାଶ ସମୟ ରହୁଥିଲା, ସେତେବେଳେ ଗୃହ କର୍ତ୍ତାଙ୍କ ନିକଟରେ ଅତିଶୟ ନମ୍ର ଭାବରେ ଦଣ୍ଡାୟମାନ ହୋଇ ରହିବାକୁ ପଡୁଥିଲା। ଯେମିତି କି ଗୃହ କର୍ମ ବ୍ୟତୀତ ନାରୀମାନଙ୍କ ପାଇଁ ଆଉ ଅନ୍ୟ କୌଣସି କର୍ମ ନାହିଁ। ସେସମୟର ଲୋକଙ୍କର ଭାବନା ଏହିପରି ଥିଲା। ବିଶେଷତଃ ନାରୀମାନଙ୍କ ପାଇଁ ଏହିପରି ନିୟମ ଥିଲା, ଯିଏ ଘରର ବଧୂ, ସେ ହାତେ ଲମ୍ବର ଓଢ଼ଣା ଟାଣି ଘର ଭିତରେ କାମ କରିବେ, ଆଉ ଘରର କାହାରି ସହିତ କଥା ହେବେ ନାହିଁ, ଏଭଳି ସବୁ ନିୟମ ମାନି ଚଳୁଥିବା ବଧୂ ହିଁ ଭଲ ବଧୂ ବୋଲି ବିବେଚିତ ହେଉଥିଲେ। ବସ୍ତୁତଃ ସେତେବେଳେ ନାରୀର ସାମାଜିକ ମର୍ଯ୍ୟାଦା ନେଇ ଅସ୍ୱଷ୍ଟତା ସମ୍ପୂର୍ଣ୍ଣ ଘୁଞ୍ଚିଯାଏ ଯେତେବେଳେ ପାଠକ ଏହି ବହିଟି ପଢ଼ନ୍ତି।

ରାସସୁନ୍ଦରୀ ଦେବୀଙ୍କର ଲେଖିବା ପଢ଼ିବା ଶିଖିବାର କାହାଣୀ ଯେତିକି ଅବିଶ୍ୱାସ୍ୟ ସେତିକି ଆଶ୍ଚର୍ଯ୍ୟଜନକ। ସେ ଅତି ଭୀରୁ ଓ ବାଧ୍ୟ ସ୍ୱଭାବର ଥିଲେ । ସମାଜର ସବୁ ନିୟମ ସେ ମୁଣ୍ଡ ପତେଇ ମାନି ଚଳୁଥିଲେ କିନ୍ତୁ ତାଙ୍କ ଅନ୍ତରରେ ଥିଲା ଗ୍ରନ୍ଥ ପାଠର ପ୍ରବଳ ଆଗ୍ରହ । ଆଶ୍ଚର୍ଯ୍ୟର କଥା ଏହିକି ଯେ, ସେ ଅନ୍ୟାନ୍ୟ ସବୁ ବ୍ୟାପାରରେ ଦେଶାଚାର ଲୋକାଚାର ମାନି ଚଳୁଥିଲେ ମଧ୍ୟ ନାରୀମାନେ ଲେଖାପଢ଼ା ଶିଖିଲେ ବିଧବା ହୁଅନ୍ତି, ସଂସାରର ଘୋର ଅମଙ୍ଗଳ ହୁଏ, ପତିବ୍ରତା ଧର୍ମରୁ ବିଚ୍ୟୁତି ଘଟେ, ନାରୀ ସଂସାରରୁ ମନଯୋଗ ହରାଏ ଇତ୍ୟାଦି ପ୍ରଚଳିତ କୁସଂସ୍କାର କିନ୍ତୁ ତାଙ୍କୁ ଭୟଭୀତ କରିପାରି ନ ଥିଲା। ତାଙ୍କ ଜୀବନର କେନ୍ଦ୍ରରେ ଥିଲେ ତାଙ୍କର ଈଶ୍ୱର, ଯାହାଙ୍କ ସହିତ ସେ ମନଖୋଲି କଥାବାର୍ତ୍ତା କରୁଥିଲେ। ଦିନେ ସେ ସ୍ୱପ୍ନରେ ଦେଖିଲେ ଯେ ସେ 'ଚୈତନ୍ୟ ଭାଗବତ' ପଢୁଛନ୍ତି ।



ତାଙ୍କର ସ୍ୱାମୀ ଥିଲେ ଜଣେ ସମ୍ପନ୍ନ ଜମିଦାର, ଘରେ ପୁରାଣ ପାଠର ଆସର ବସାଉଥିଲେ ଏବଂ ତାଙ୍କ ସଂଗ୍ରହରେ ଥିଲା ପ୍ରଚୁର ପୋଥି। ରାସସୁନ୍ଦରୀ ମନେ ମନେ ଠିକ୍ କଲେ ଯେ, ଯେମିତି ହେଉ ସେ 'ଚୈତନ୍ୟ ଭାଗବତ' ପଢ଼ିବେ । ଦିନେ ତାଙ୍କର ସ୍ୱାମୀ ଯେତେବେଳେ ପୁଅକୁ 'ଚୈତନ୍ୟ ଭାଗବତ' ପୋଥି ଖଣ୍ଡକ ରଖିଦେବା ପାଇଁ କହିଲେ, ରାସସୁନ୍ଦରୀ ପୁଅ ପୋଥି ରଖିବା ପୂର୍ବରୁ ସମସ୍ତଙ୍କ ଅଲକ୍ଷରେ ସେହି ପୋଥି ଶିକାରେ ଲୁଚାଇ ରଖିଦେଲେ । କିନ୍ତୁ ପୋଥିର ଅକ୍ଷର ଭିନ୍ନ ରକମର। ପରବର୍ତ୍ତୀ କଥା ରାସସୁନ୍ଦରୀଙ୍କର ନିଜ ଭାଷାରେ – ''ସେତେବେଳେ ମୋର ବଡ଼ପୁଅ ତାଳପତ୍ରରେ ଲେଖୁଥିଲା। ମୁଁ ତା'ର ହାତଲେଖା ଗୋଟିଏ ତାଳପତ୍ର ଲୁଚାଇ ରଖି ଦେଇଥିଲି । ପରେ ସେହି ତାଳପତ୍ରର ଲେଖା ସହିତ ଚୈତନ୍ୟ ଭାଗବତ ପୋଥିର ଲେଖା ମିଳାଇ ବାରମ୍ବାର ଦେଖିବାକୁ ଲାଗିଲି ଏବଂ ତାହା ସହିତ ମୋ ମନର ଅକ୍ଷର ସହିତ ମିଳାଇ ଦେଖୁଥିଲି।''

ବିବାହ ପୂର୍ବରୁ ରାସସୁନ୍ଦରୀ ଦେବୀଙ୍କ ଘର ପାଖରେ ଜଣେ ମିଶନାରୀ ମେମ୍ ସାହେବ ଗୋଟିଏ ପାଠଶାଳା ଖୋଲିଥିଲେ । ସେହି ପାଠଶାଳାର ବାରଣ୍ଡାରେ ବସି ଦୂରରୁ ପିଲାମାନେ ପଢୁଥିବା ସମୟରେ କିଛି ଅକ୍ଷର ସହ ତାଙ୍କର ପରିଚୟ ହୋଇଥିଲା । ଫଳରେ ଦିନ ପରେ ଦିନ ଅନେକ କଷ୍ଟକରି ଗୋଟିଏ ଗୋଟିଏ ଅକ୍ଷର ପଢ଼ି ସେ 'ଚୈତନ୍ୟ ଭାଗବତ' ପଢ଼ିବାକୁ ଚେଷ୍ଟା କଲେ । ବାରମ୍ବାର ପଢ଼ିବା ଫଳରେ ସେ ପଢ଼ିପାରିବାର ଆନନ୍ଦରେ ବିଭୋର ହୋଇ ଉଠିଲେ ।

ଏହିପରି ଭାବରେ ଗୋପନରେ ତାଙ୍କର ଗ୍ରନ୍ଥ ପାଠ ଚାଲିଥିଲା। କ୍ରମଶଃ ସେ ତାଙ୍କର ତିନିଜଣ ବିଧବା ନଣନ୍ଦଙ୍କୁ ଧର୍ମଗ୍ରନ୍ଥ ପାଠର ସାଥୀ କରିନେବାରେ ସଫଳ ହେଲେ । ତାଙ୍କର ପୁଅମାନେ ବଡ଼ ହୋଇ କଲିକତାକୁ ପଢ଼ିବା ପାଇଁ ଚାଲିଗଲେ । ସେମାନେ ଜାଣିଥିଲେ ଯେ ସେମାନଙ୍କର ମା'ପଢ଼ିପାରନ୍ତି, ତେଣୁ ସେମାନେ ନିୟମିତ ମା'ଙ୍କୁ ଚିଠି ଲେଖୁଥିଲେ । କିନ୍ତୁ ମା'ଙ୍କ ପାଖରୁ କୌଣସି ଉତ୍ତର ପାଉ ନ ଥିଲେ କାରଣ ରାସସୁନ୍ଦରୀ ଲେଖିବା ଜାଣି ନ ଥିଲେ । ପଢ଼ିବା ପାଇଁ ଗୋଟିଏ ବହି, କିଛି ସମୟ ଓ ନିଭୃତି ହେଲେ ଚଳିଯାଏ କିନ୍ତୁ ଲେଖିବା ଶିଖିବାକୁ ହେଲେ ଅନେକ ଆୟୋଜନ ଦରକାର, ଯହିଁରେ ଗୋପନୀୟତା ରକ୍ଷା କରିବା ସମ୍ଭବ ହୁଏନାହିଁ । ପୁଣି ତାଙ୍କର ଲୋକଭୟ ଥିଲା ପ୍ରବଳ । ରାସସୁନ୍ଦରୀ ଲେଖିଛନ୍ତି –'ବାସ୍ତବିକ ଭୟ ହିଁ ଥିଲା ମୋର ପ୍ରଧାନ ଶତ୍ରୁ ।' କିନ୍ତୁ ପୁଅ କିଶୋରୀଲାଲର ଗୋଟିଏ ଜିଦ୍ ଯେମିତି ହେଉ ମା' ନିଜ ହାତରେ ତା' ଚିଠିର ଉତ୍ତର ଲେଖି ପଠାଇବେ। ଶେଷ ପର୍ଯ୍ୟନ୍ତ ପୁଅର ଜିଦ୍ ଆଗରେ ହାର ମାନନ୍ତି ସେ ଏବଂ ଅଭ୍ୟାସ କରି ପୁଅ ପାଖକୁ ତା' ଚିଠିର ଉତ୍ତର ଲେଖିବା ଆରମ୍ଭ କରନ୍ତି। ଏତିକିରେ ରାସସୁନ୍ଦରୀ ଦେବୀଙ୍କ କାହାଣୀ ଶେଷ ହୋଇନାହିଁ। ସ୍ୱାମୀଙ୍କ ମୃତ୍ୟୁ ପରେ ସେ ଲେଖିବାକୁ ଆରମ୍ଭ କରନ୍ତି ତାଙ୍କର ଆତ୍ମଜୀବନୀ । ତାଙ୍କ ଆତ୍ମଜୀବନୀର ପ୍ରଥମ ଖଣ୍ଡ ଯେତେବେଳେ ପ୍ରକାଶ ପାଏ ସେତେବେଳେ ତାଙ୍କର ବୟସ ତେଷଠି ବର୍ଷ । ଏହାପରେ ଦ୍ୱିତୀୟ ଖଣ୍ଡ (ଅଠାଅଶୀ ବର୍ଷରେ) ରଚନା କରି ସମକାଳର ପୂର୍ଣ୍ଣାଙ୍ଗ ଦଲିଲ ରଖି ଯାଇଛନ୍ତି ଭବିଷ୍ୟତ ପାଇଁ ।

ରାସସୁନ୍ଦରୀ ଦେବୀ ନିଜ ଖିଆଲରେ ନିଜ ଜୀବନର କଥା ଲେଖିଛନ୍ତି, କିନ୍ତୁ ନିଜ ଅଜାଣତରେ ହିଁ ସେ ଯାହା କରିଛନ୍ତି ତାହା ଯେମିତି ଏକ ଅନ୍ତର୍ଘାତ। ସେ ସମାଜକୁ ମାନିଛନ୍ତି କିନ୍ତୁ କେଉଁ ପରିସ୍ଥିତିରେ କିଭଳି ଭାବରେ ସେସବୁ ତାଙ୍କ ପରି ନାରୀମାନଙ୍କୁ ମାନି ଚଳିବାକୁ ପଡୁଥିଲା ସେସବୁ କଥା ନିର୍ଲିପ୍ତ ସାବଲୀଳତାରେ ପରବର୍ତ୍ତୀ ପିଢ଼ି ହାତରେ ଟେକି ଦେଇ ଯାଇଛନ୍ତି। ପାବନାର ପୋତାଜିଆ ଗ୍ରାମର ସେହି ବାଳିକା, ଫରିଦପୁର ରାମଦିୟା ଗ୍ରାମର ସେହି ଗୃହବଧୂ ରାସସୁନ୍ଦରୀ ଦେବୀ ତେଣୁ ଚିରସ୍ମରଣୀୟା ସମସ୍ତଙ୍କ ପାଖରେ।

– ଭୁବନେଶ୍ୱର, ମୋ:୯୪୩୭୫୩୪୭୭୩

## ହାଃ ହାଃ

### ଫିଲ୍ମ

ଘରକୁ ରାତିରେ ଲେଟ୍‌ରେ ପହଞ୍ଚିବା ପରେ
ମା’ ପୁଅକୁ: କୁଆଡ଼େ ଯାଇଥିଲୁ ? କେତେ ରାତି ହେଲାଣି ଜାଣିପାରୁଛୁ ନା ନାହିଁ ?
ପୁଅ: ମୁଁ ‘ମା’ର ମମତା’ ଫିଲ୍ମ ଦେଖିବାକୁ ଯାଇଥିଲି ।
ମା’: ଓଃ.. । ହଉ ଯା’ ଉପରକୁ ଆଉ ଏକ ଫିଲ୍ମ ଦେଖିବୁ ।
ପୁଅ: କୋଉ ଫିଲ୍ମ ?
ମା’: ‘ବାପାଙ୍କ ଛେଚା’ ।

### ମଶା

ସ୍ୱାମୀ ସ୍ତ୍ରୀ କଥାବାର୍ତ୍ତା ହେଲାବେଳେ ହଠାତ୍ ଏକ ମଶା ସ୍ତ୍ରୀ ପାଟିରେ ପଶିଗଲା ।
ସ୍ତ୍ରୀ ସ୍ୱାମୀଙ୍କୁ: ମୋ ପାଟିରେ ମଶା ପଶିଗଲା କ’ଣ କରିବି ?
ସ୍ୱାମୀ: ଏଇ କଥା ? ପାଗେଳିଟା କେତେ ଚିନ୍ତା କରୁଛି । ଗୋଟେ କାମ କର, ଅଲ୍ ଆଉଟ୍ ଆଣି ପିଇଦିଅ । ମଶା ପେଟରେ ମରିଯିବ ।

### ମନେ ରଖିବ

ରାଜୁ ରମେଶକୁ: ଜୀବନରେ ଦୁଇଟି କଥା ସବୁବେଳେ ମନେ ରଖିଥିବୁ ।
ରମେଶ: କୋଉ ଦୁଇଟା ?
ରାଜୁ: ସବୁ ଲୋକ ଏତେ ଖରାପ ନୁହନ୍ତି ଯେତିକି ସେମାନେ ଆଧାର କାର୍ଡରେ ଦେଖା ଯାଆନ୍ତି । ଆଉ ସବୁ ଲୋକ ଏତେ ଭଲ ନୁହନ୍ତି ଯେତିକି ସେମାନେ ନିଜ ଫେସ୍‌ବୁକ୍ ପ୍ରୋଫାଇଲରେ ଦେଖା ଯାଆନ୍ତି ।

### ସିଟି ସ୍କାନ୍

ପପୁ ଡାକ୍ତରଙ୍କୁ: ଆଜ୍ଞା ମୋର ବହୁତ ଦିନ ହେବ ପ୍ରବଳ ମୁଣ୍ଡ ବିନ୍ଧା ହେଉଛି ।
ଡାକ୍ତର: ସମସ୍ୟାଟା କୋଉଠି ଅଛି ଜାଣିବା ଲାଗି ସିଟି ସ୍କାନ୍ କରିବାକୁ ପଡ଼ିବ ।
ପପୁ: ମୋ’ ମୁଣ୍ଡ ବିନ୍ଧା ପାଇଁ ପୁରା ସହରକୁ କାହିଁକି ସ୍କାନ କରିବେ ?

# ପାଲୁରଗଡ଼



୧୬ ନମ୍ବର ଜାତୀୟ ରାଜପଥର ବ୍ରହ୍ମପୁର-ଭୁବନେଶ୍ୱର ରାସ୍ତାରେ ଦକ୍ଷିଣ ପାର୍ଶ୍ୱରେ ପଡ଼େ ପାଲୁର ଜଙ୍କସନ । ସେଠାରୁ ପୁରୀ ରୋଡ୍‌ରେ ଗଲେ ପାଲୁରଗଡ଼(ଦନ୍ତପୁର) । ବୌଦ୍ଧ ଏବଂ ଜୈନ ପାଠ୍ୟରେ ଉଲ୍ଲେଖିତ ଦନ୍ତପୁର, ପାଲୁର ସହିତ ସମାନ କାରଣ ପାଲୁ ଏବଂ ଉର, ତାମିଲରେ ଦୁଇଟି ଶବ୍ଦ ଅର୍ଥ ଦାନ୍ତ (ଦନ୍ତ) ଏବଂ ସହର (ପୁରା) ସୂଚିତ କରେ । ଏସବୁ ବ୍ୟତୀତ ଅଞ୍ଚଳଟିର ଅନ୍ୟ ଏକ ଆକର୍ଷଣୀୟ ଅଥଚ ଅବ୍ୟବହୃତ ନାମ ରହିଛି ରାମଗଡ଼ । ଐତିହାସିକ ଓ ପ୍ରତ୍ନତାତ୍ତ୍ୱିକ ବିଶ୍ଳେଷଣ କହେ ଯେ, ପାଲୁର ହିଁ ଅତୀତର ସେହି ଦନ୍ତପୁର ଏଥିରେ ସନ୍ଦେହ ନାହିଁ । ପାଲୁର ଯେ କେବଳ ଗୋଟିଏ ସୀମିତ ଅଞ୍ଚଳର ବନ୍ଦର ନ ଥାଇ ବରଂ ପ୍ରାକ୍ତନ କଳିଙ୍ଗସାଗରର ଚିଲିକାରୁ-ବାରୁଣାବନ୍ତ-କଳିଙ୍ଗପାଟଣା ପର୍ଯ୍ୟନ୍ତ ବ୍ୟାପ୍ତ । ଏହା ସୁବିଖ୍ୟାତ ନୌବନ୍ଦର ଥିଲା, ଯାହାର ସୁବିସ୍ତୃତ ଗଭୀର-ଦନ୍ତୁରିତ ସମୁଦ୍ର ଗର୍ଭ ସହସ୍ର ପୋତର ପୋତାଶ୍ରୟ ଭାବରେ କାମ କରୁଥିଲା । ଡକ୍ଟର ହରେକୃଷ୍ଣ ମହତାବ ତାଙ୍କ ଓଡ଼ିଶା ଇତିହାସ ପୁସ୍ତକରେ ପ୍ରାଚୀନ ଓଡ଼ିଶାରେ ଅନେକ ବଡ଼ବଡ଼ ବନ୍ଦର ଥିବା କଥା ଉଲ୍ଲେଖ କରିଛନ୍ତି । ସେହି ବନ୍ଦରମାନଙ୍କ ମଧ୍ୟରେ ଦନ୍ତପୁର ବନ୍ଦର ସବୁଠାରୁ ପୁରାତନ । ଦନ୍ତପୁର ଋଷିକୁଲ୍ୟା ମୁହଁରେ ଅବସ୍ଥିତ । ତେବେ ସମୁଦ୍ର ପଛକୁ ଘୁଞ୍ଚି ଯିବା ହେଉ କିମ୍ବା ଋଷିକୁଲ୍ୟା ମୁହାଁଣର ଦିଗ ପରିବର୍ତ୍ତନ ହେଉ ଏବେ ପାଲୁର ବନ୍ଦର ଓ ପୋତାଶ୍ରୟ ସମୁଦ୍ରରେ ଲୀନ ହୋଇଯାଇଛି । ଓଡ଼ିଶାର ସମୃଦ୍ଧ ନୌବାଣିଜ୍ୟର ନୀରବ କିମ୍ବଦନ୍ତୀକୁ ବଖାଣୁ ଥିବା ବନ୍ଦର-ସଂସ୍କୃତିର ଗଡ଼ଟିଏ । ହୁମୁନାଗିରି, ଝିଙ୍କାରିଆ ପାହାଡ଼, ପୂର୍ବତଟ ସମୁଦ୍ର ଓ ଚିଲିକା ମଧ୍ୟବର୍ତ୍ତୀ ଉପତ୍ୟକାର ପ୍ରାକୃତିକ ଗଠନ ଏହାକୁ ଆହୁରି ମହିମା ମଣ୍ଡିତ କରେ । ଦ୍ୱିତୀୟ ଶତାବ୍ଦୀର ‘ଟିଲେମୀ’ଙ୍କ ବିବରଣୀ ଏବଂ ଚତୁର୍ଥ ଶତାବ୍ଦୀର ପ୍ଲିନିଂ ବିବରଣୀ ଅନୁଯାୟୀ ପାଲୁରଗଡ଼ ଅଧୀନସ୍ଥ ଦନ୍ତପୁର(ପାଲୁର) ବନ୍ଦର ବହୁ ପୁରାତନ ଓ ଅନେକ ସଂସ୍କୃତି, ଘଟଣା ପ୍ରବାହର ମୂକସାକ୍ଷୀ । ଖ୍ରୀଷ୍ଟପୂର୍ବ ୪୦୦ ବେଳକୁ ‘ଦନ୍ତ ଓ ଭସ୍ମ’ ଦନ୍ତପୁରଠାରୁ ସିଂହଳକୁ ରାଜକନ୍ୟା ହେମମାଳାଙ୍କ ହାତରେ ପଠାଯାଇଥିଲା ।

୧୯୫୩ ମସିହାରେ ରାଜତନ୍ତ୍ରର ଉଚ୍ଛେଦ ବେଳକୁ ପାଲୁରଗଡ଼ର ଆୟତନ ଥିଲା ୨୯ବର୍ଗ ମାଇଲ । ରୟତି ଗ୍ରାମ ୨୦ଟି ଓ ଇନାମ ଗ୍ରାମ ୪ଟି ସମୁଦାୟ ୨୪ଖଣ୍ଡ ଗ୍ରାମ ଥିଲା । ଇଷ୍ଟେଟ ଚଳାଇବା ପାଇଁ ବ୍ରିଟିଶ ସରକାରଙ୍କୁ ଏହି ଜମିଦାର ରାଜବଂଶ ବାର୍ଷିକ ୧୮ ଟଙ୍କା ‘ପେସ କିସ’ ଦେଉଥିଲେ । ଏହାର ପ୍ରଥମ ରାଜା(ପ୍ରତିଷ୍ଠାତା) ଦାଶରଥି ସଉରା(ଦାଶରଥି ଶବର) । ତେବେ ଏହି ରାଜବାଟୀ ବର୍ତ୍ତମାନ ଜୀର୍ଣ୍ଣପ୍ରାୟ । ଭଗ୍ନ ରାଜବାଟୀ, ଭଗ୍ନ ଶିଳାକାନ୍ଥ, ଗଡ଼ଖାଇ ପ୍ରାଚୀର ସବୁ ଅସ୍ପଷ୍ଟରୂପେ ପ୍ରତୀୟମାନ । କିଛି ଅଂଶରେ ରାଜବଂଶଜ ଉତ୍ତରାଧିକାରୀ ବର୍ତ୍ତମାନ ବାସ କରୁଛନ୍ତି । ରାଜବାଟୀ ପାଖାପାଖି ଦୁଇଟି ମନ୍ଦିର ମଦନ ମୋହନ ଏବଂ ଶ୍ରୀଜଗନ୍ନାଥଙ୍କ ବିଜେସ୍ଥଳୀ ରହିଛି । ଏହାର କାରୁକାର୍ଯ୍ୟ ଅତି ଉନ୍ନତ ମାନର । ଅଁଳେଶ୍ୱର ଓ ଯଟେଶ୍ୱର ମହାଦେବ ସମୁଦ୍ର କୂଳରେ ଅବସ୍ଥିତ । ରଘୁନାଥ ମଠ ବୈଷ୍ଣବ ଆସ୍ଥାର ଏକ ମହାନ୍ ପ୍ରତୀକ । ମା’ ଚାମଣ୍ଡା ରାଜବାଟୀ ସୀମାନ୍ତରେ ପ୍ରତିଷ୍ଠିତ ଦୁର୍ଗର ଅଧିଷ୍ଠାତ୍ରୀ ଇଷ୍ଟଦେବୀ । ସୁବଳୟାର ଶ୍ରୀ ଗୋପାଳକୃଷ୍ଣ ଓ ଗଞ୍ଜା ସହରର ମା’ ଦୁର୍ଗାଦେବୀ ମନ୍ଦିର ପାଲୁର ରାଜବଂଶର ଅକ୍ଷୟ କୀର୍ତ୍ତି ଅଟେ । ଦନ୍ତପୁରକୁ ପ୍ରବେଶ ପଥରେ ମା’ଙ୍କ ପ୍ରାଚୀନ ପୀଠ ରହିଛି । ଦେବୀଙ୍କ ଅଲୌକିକ ମହିମା ଲୋକ ମୁଖରେ ଶୁଣିବାକୁ ମିଳେ । ପାଲୁରଗଡ଼ ସଂଲଗ୍ନ ପାଲୁରୁ କେନାଲ ସମୁଦ୍ର ଚିଲିକା ସଂଯୋଗର ମାଧ୍ୟମ । ଏହି ଜମିଦାରିର ଅନ୍ୟତମ ଉତ୍ସ ‘ମତ୍ସ୍ୟ-ସଂସ୍କୃତି’ । ଅନେକ ଗବେଷକଙ୍କ ମତରେ ଏହା ପୁରାଣ ବର୍ଣ୍ଣିତ ‘ମତ୍ସ୍ୟଦେଶ ଅଟେ’ । ଏହାର ବେଳାଭୂମିରେ ଉତ୍କୃଷ୍ଟ ମାଛ, ଶୁଖୁଆର ବିପଣୀ ବସେ । ପ୍ରାଚୀନ ପାଲୁର ରାଜ୍ୟରେ ବୌଦ୍ଧ ଧର୍ମ ଥିବାର ପ୍ରମାଣ ରହିଛି । ୧୯୯୯ ମହାବାତ୍ୟା ସମୟରେ ପାଲୁର ଏବଂ ନୂଆ ବକ୍ସିପଲ୍ଲୀ ଅଞ୍ଚଳରେ ବାଡ଼ବାଗ୍ନି ପଡ଼ି ଅଧିବାସୀଙ୍କ ପିନ୍ଧା ପୋଷାକରେ ପୋଡ଼ା ଚିହ୍ନ ହୋଇଥିବା କଥା ପ୍ରାକ୍ତନ କେନ୍ଦ୍ର ନିର୍ଦ୍ଦେଶକ ଶ୍ରୀ ହୃଷୀକେଶ ପାଣିଗ୍ରାହୀ କୁହନ୍ତି । ତତ୍କାଳୀନ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ସାମୁଦ୍ରିକ ବିଜ୍ଞାନର ବିଭାଗୀୟ ମୁଖ୍ୟ ଏହାର ଉପସ୍ଥିତିକୁ ସାମୁଦ୍ରିକ ବିଜ୍ଞାନ ସମ୍ମତ ଦର୍ଶାଇ ଥିଲେ । ବାଡ଼ବାଗ୍ନି ବିଷୟରେ ପୁରାଣ ଶାସ୍ତ୍ରରେ ବର୍ଣ୍ଣନା କରାଯାଇଛି । ଏହାର ଅନେକ ପ୍ରମାଣ ମଧ୍ୟ ରହିଛି । ପାଲୁରଗଡ଼ ନିକଟରେ ପ୍ରୟାଗୀ ବେଳାଭୂମି ଜରି ପାହାଡ଼ରେ ‘ବତୀଘର’ ରହିଛି । ପାଲୁର ନିକଟସ୍ଥ ପ୍ରୟାଗୀ ବେଳାଭୂମି (ଦନ୍ତପୁର)ର ଶାନ୍ତ ସବୁଜିମାଭରା ପରିବେଶ ପର୍ଯ୍ୟଟକଙ୍କ ପାଇଁ ଆକର୍ଷଣର କେନ୍ଦ୍ର । ଅତୀତରେ ପାଲୁରଗଡ଼ର ରାଜବାଟୀ ରାମଲୀଳାର ପୃଷ୍ଠପୋଷକତା କରୁଥିଲେ । ପାରିକୁଦ, କୃଷ୍ଣ ପ୍ରସାଦଗଡ଼, ମାଲୁଦ, ବ୍ରହ୍ମଗିରି ଅଞ୍ଚଳରେ ‘ରାମଲୀଳା’ ଅଭିନୀତ ହେବା ସହ ଏହାର ଲୋକପ୍ରିୟତା ବିଷୟରେ ଡ. ମାୟାଧର ମାନସିଂହ ତାଙ୍କ ବାଲ୍ୟସ୍ମୃତିରେ ଉଲ୍ଲେଖ କରିଛନ୍ତି ।

-ଚିନ୍ମୟ ରଞ୍ଜନ ମିଶ୍ର,
*ମୋ: ୭୯୭୮୩୬୫୨୭୧*
*ସହାୟକ ଗ୍ରନ୍ଥ- ଓଡ଼ିଶା ଇତିହାସ ଏବଂ ଯୁଗେ ଯୁଗେ ନୌବାଣିଜ୍ୟ*





# ଐତିହାସିକ ସହର
# ଜବଲପୁର



**ମଧ୍ୟପ୍ରଦେଶର ଏକ ଐତିହାସିକ ସହର ହେଉଛି ଜବଲପୁର। ନର୍ମଦା ନଦୀର ତଟଦେଶରେ ଅବସ୍ଥିତ ଏହି ସହରଟିର ବ୍ୟବସାୟ, ବାଣିଜ୍ୟ ହେଉ ଅବା ଶିକ୍ଷାଦୀକ୍ଷା କ୍ଷେତ୍ରରେ ବି ବେଶ୍ ନାଁ ରହିଛି। ଏପରିକି ପର୍ଯ୍ୟଟନ ଦୃଷ୍ଟିକୋଣରୁ ମଧ୍ୟ ଏହା କୌଣସି ଗୁଣରେ କମ୍ ନୁହେଁ। ସେଥିପାଇଁ ବର୍ଷକ ବାରମାସ ଏଠାରେ ପର୍ଯ୍ୟଟକଙ୍କର ଗହଳି ଦେଖିବାକୁ ମିଳେ...**


ମଧ୍ୟପ୍ରଦେଶର ଏକ ଐତିହାସିକ ସହର ଭାବେ ଜବଲପୁର ପରିଚିତ। ନର୍ମଦା ନଦୀର ତଟଦେଶରେ ଅବସ୍ଥିତ ଏହି ସହରଟିର ପର୍ଯ୍ୟଟନ ହେଉ ଅବା ଅର୍ଥନୀତି ଅଥବା ଶିକ୍ଷା ସବୁ କ୍ଷେତ୍ରରେ ନିଜସ୍ୱ ଏକ ପରିଚୟ ରହିଛି। ଖାସ୍ ଏହି କାରଣ ପାଇଁ ବର୍ଷସାରା ଏଠାରେ ପର୍ଯ୍ୟଟକଙ୍କର ଗହଳି ପରିଲକ୍ଷିତ ହୋଇଥାଏ।


### ନାମକରଣକୁ ନେଇ କିମ୍ବଦନ୍ତୀ

ଏକ କିମ୍ବଦନ୍ତୀ ଅନୁଯାୟୀ, ଜବଲପୁର ସହରର ନାମ ଜବାଲି ନାମକ ଜଣେ ଋଷିଙ୍କ ନାମାନୁସାରେ ରଖାଯାଇଥିବା ବିଶ୍ୱାସ କରାଯାଏ ; ଯିଏକି ସ୍ଥାନୀୟ ନର୍ମଦା ନଦୀ କୂଳରେ ଅନେକ ଦିନ ଧରି ଧ୍ୟାନ କରିଥିଲେ। ସେହିପରି ଆଉ କେହି କେହି କୁହନ୍ତି, ଏଠାରେ କୁଆଡ଼େ ବଡ଼ ବଡ଼ ଗ୍ରାନାଇଟ୍ ବୋଲ୍ଡର୍ ଅଥବା ବିଶାଳ ବୋଲ୍ଡର୍ ବହୁ ପରିମାଣରେ ମିଳିଥାଏ ; ଯାହାକୁ ଅରବି ଭାଷାରେ ବି ଜବଲ ବୋଲି କୁହାଯାଇଥାଏ। ତେଣୁ ଏହା ମଧ୍ୟ ଜବଲପୁର ନାମକରଣକୁ ନେଇ ଅନ୍ୟ ଏକ କାରଣ ହୋଇପାରେ ବୋଲି ଅନେକ ମତ ଦେଇଥାନ୍ତି।

### କ'ଣ ଦେଖିବେ

ଜବଲପୁର ଉପରେ ବି ଅନେକ ରାଜା ଶାସନ କରିଥିଲେ, ସେଥିପାଇଁ ଏଠାରେ ଅନେକ ଐତିହାସିକ ଦୁର୍ଗ, ମହଲ ଥିବାର ପର୍ଯ୍ୟଟକ ଦେଖିପାରିବେ। ଯେମିତିକି ମଦନ ମହଲ, ମଦନ ମହଲ ଦୁର୍ଗ ଇତ୍ୟାଦି ଅନ୍ୟତମ। ସେହିପରି ଜବଲପୁରରେ ଅନେକ ଆଧ୍ୟାତ୍ମିକ ପୀଠ ବି ରହିଛି ; ଯଥା ହନୁମାନତାଲ ବଡ଼ ଜୈନ ମନ୍ଦିର, ପାଟ ବାବା ମନ୍ଦିର, ଗୁପ୍ତେଶ୍ୱର ମନ୍ଦିର, ନନ୍ଦିଶ୍ୱରଦିପ୍ ଜୈନ ମନ୍ଦିର, ମହର୍ଷି ମହେଶ ଯୋଗୀଙ୍କ ଆଶ୍ରମ ଆଦି ଅନ୍ୟତମ। ଏସବୁ ବ୍ୟତୀତ ମାର୍ବଲ ରକ୍ସ, ଧୂଆଁଧାର୍ ଜଳପ୍ରପାତ, କାହ୍ନା ନ୍ୟାସନାଲ୍ ପାର୍କ, ବାନ୍ଧବଗଡ଼ ନ୍ୟାସନାଲ୍ ପାର୍କ, ପେଞ୍ଚ ନ୍ୟାସନାଲ ପାର୍କ, ନୌରାଦେହୀ ବନ୍ୟପ୍ରାଣୀ ଅଭୟାରଣ୍ୟ, ବୀରାଙ୍ଗନା ଦୁର୍ଗାବତୀ ବ୍ୟାଘ୍ର ଅଭୟାରଣ୍ୟ ହେଉଛି ଜବଲପୁର ନିକଟସ୍ଥ କେତୋଟି ପ୍ରମୁଖ ପର୍ଯ୍ୟଟନସ୍ଥଳୀ ; ଯାହାର ଆକର୍ଷଣୀୟ ପରିବେଶ ଓ ଜଳବାୟୁ ପର୍ଯ୍ୟଟକଙ୍କୁ ବେଶ୍ ଆକର୍ଷିତ କରିଥାଏ। ଏହାଛଡ଼ା ଜବଲପୁରରେ ଥିବା ରାଣୀ ଦୁର୍ଗାବତୀ ମ୍ୟୁଜିୟମ୍, ଡୁମ୍ନା ନେଚର୍ ରିଜର୍ଭ ପାର୍କ, ଖଣ୍ଡାରୀ ଡ୍ୟାମ୍, ବାର୍ଗି ଡ୍ୟାମ୍, ଗୁଘ୍ରା ଜଳପ୍ରପାତ, ଭାଦଭଦା ଜଳପ୍ରପାତ ଇତ୍ୟାଦି ପର୍ଯ୍ୟଟନସ୍ଥଳୀ ବି ବେଶ୍ ଆକର୍ଷଣୀୟ ହୋଇଥାଏ ଦେଖିବାକୁ। କହିବାକୁ ଗଲେ ଜବଲପୁର ବୁଲିଆସୁଥିବା ପର୍ଯ୍ୟଟକ ଏଠାରେ ବହୁ ସୁନ୍ଦର ସୁନ୍ଦର ପର୍ଯ୍ୟଟନସ୍ଥଳୀ ଦେଖିବା ସହ ଅନେକ ନିଆରା ଅନୁଭୂତି ବି ସାଉଁଟି ପାରିବେ, ଏଥିରେ ସନ୍ଦେହ ନାହିଁ।





### ଅନ୍ୟାନ୍ୟ ଆକର୍ଷଣ

ଗ୍ରାନାଇଟ୍ ଉତ୍ପାଦନ କ୍ଷେତ୍ରରେ ଜବଲପୁରର ବେଶ୍ ନାଁ ରହିଛି। ତା'ଛଡ଼ା ଟେରାକୋଟା ସାମଗ୍ରୀ, ଶାଢ଼ି ତଥା ଅନ୍ୟାନ୍ୟ ପାରମ୍ପରିକ ଜିନିଷ ବିକ୍ରି କ୍ଷେତ୍ରରେ ବି ଏହି ସହରର ଭିନ୍ନ ଏକ ପରିଚୟ ରହିଛି। ସେହିପରି ଏଠାରେ ମିଳୁଥିବା ଖୋଏ କି ଜଲେବି, କୋପରା ପାକ ତଥା ସାବୁଦାନା ଖିଚ୍ଡି ବି ପର୍ଯ୍ୟଟକଙ୍କୁ ଖୁବ୍ ପସନ୍ଦ ଆସିଥାଏ।

### କେବେ ଓ କେମିତି ଯିବେ

ପର୍ଯ୍ୟଟନ ଦୃଷ୍ଟିକୋଣରୁ ଦେଖିଲେ, ଜବଲପୁରକୁ ବର୍ଷର ଯେ କୌଣସି ସମୟରେ ବୁଲି ଯାଇହେବ। କିନ୍ତୁ ପାଣିପାଗ ସୂଚନାକେନ୍ଦ୍ରର ମତାନୁଯାୟୀ, ବର୍ଷାଦିନକୁ ଛାଡି ବାକି ଅନ୍ୟ ଯେ କୌଣସି ସମୟରେ ଏଠାକୁ ବୁଲିଗଲେ ବୁଲିବାର ଭରପୂର ମଜା ନେଇହେବ। ସେହିପରି ଏଠାକୁ ଯିବାପାଇଁ ଗମନାଗମନର ମଧ୍ୟ ବେଶ୍ ଭଲ ସୁବିଧା ରହିଛି। ଜବଲପୁର ଏୟାରପୋର୍ଟ ଏଠାକାର ନିକଟତମ ବିମାନବନ୍ଦର ହୋଇଥିବାବେଳେ ଜବଲପୁର ଜଙ୍କସନ୍ ରେଲୱେ ଷ୍ଟେଶନ ହେଉଛି ଏଠାକାର ନିକଟତମ ପ୍ରମୁଖ ରେଲଷ୍ଟେଶନ। ସେହିପରି ଦେଶର ବିଭିନ୍ନ ସ୍ଥାନରୁ ଏଠାକୁ ନିୟମିତ ବ୍ୟବଧାନରେ ଟୁରିଷ୍ଟ ବସ୍ ଯା'ଆସ କରିଥାଏ। ପର୍ଯ୍ୟଟକଙ୍କୁ ଯେଉଁଥିରେ ସୁବିଧା ସେଥିରେ ଯାଇ ଆରାମରେ ଜବଲପୁରରେ ପହଁଞ୍ଚିପାରିବେ।



# "ଚିୟର୍ସ" ପଛର କଥା





**ଯେବେ ସାଙ୍ଗସାଥୀ ଏକାଠି ହୁଅନ୍ତି, ଗପର ଆସର ଜମେ। କିଛି ଟେଷ୍ଟି ଖାଇବା ସହ କିଛି ଡ୍ରିଙ୍କ ବି କରାଯାଏ। ଆଉ ପିଇବା ପୂର୍ବରୁ ସମସ୍ତେ ଖୁସିରେ ଗ୍ଲାସ୍‌କୁ ଗ୍ଲାସ୍ ସହ ସାମାନ୍ୟ ବାଡ଼େଇ କହନ୍ତି 'ଚିୟର୍ସ'। ଚିୟର୍ସ କହି ପିଇଲେ କାଳେ ପିଇବାର ମଜା ବଢ଼ିଯାଏ। ହେଲେ କେବେ ଭାବିଛନ୍ତି ଏହି ଚିୟର୍ସ କହିବା କେବେଠୁ ଆରମ୍ଭ ହୋଇଛି? ଜାଣନ୍ତୁ ସେ ସମ୍ପର୍କରେ...**

**ସେ** କଫି କପ୍ ହେଉ କି କୋଲ୍ଡ ଡ୍ରିଙ୍କ ଅବା ବିୟର ଗ୍ଲାସ୍, କାହା ସହ ମିଶି ପିଇବାବେଳେ ଗ୍ଲାସ୍ ସହ ଗ୍ଲାସ୍‌କୁ ସାମାନ୍ୟ ବାଡ଼େଇ ଚିୟର୍ସ କହନ୍ତି ଓ ପିଅନ୍ତି। ଆଉ ଏହା ଏମିତି ଏକ ଅଭ୍ୟାସ ହୋଇଗଲାଣି ଯେ ପାଟିରୁ ସ୍ୱତଃ ଚିୟର୍ସ ବାହାରିଯାଏ। ହେଲେ ଚିୟର୍ସ କାହିଁକି କୁହାଯାଏ ହୁଏତ ଅନେକେ ଜାଣି ନ ଥିବେ। ଏହା ପଛରେ ଚାରୋଟି କାରଣ ଅଛି। ଏହାକୁ ଜାଣିବା ପୂର୍ବରୁ ପ୍ରଥମେ ଚିୟର୍ସ ଶବ୍ଦର ଇତିହାସ ଜାଣିନେବା।

ଟାଇମ୍ସ ଅଫ୍ ଇଣ୍ଡିଆର ରିପୋର୍ଟ ମୁତାବକ ଚିୟର୍ସ ଶବ୍ଦର ଉତ୍ପତ୍ତି ଫ୍ରାନ୍ସର ପୁରାତନ ଶବ୍ଦ 'ଚିଏରେ'ରୁ ହୋଇଛି। ଏହାର ଅର୍ଥ ହେଉଛି ଚେହେରା ଅଥବା ମୁଣ୍ଡ। ଅଷ୍ଟାଦଶ ଶତାବ୍ଦୀର ଶେଷବେଳକୁ ଏହି ଶବ୍ଦର ବ୍ୟବହାର ଖୁସି ଓ ପ୍ରୋତ୍ସାହନ ବ୍ୟକ୍ତ କରିବାରେ ବ୍ୟବହାର ହେବାକୁ ଲାଗିଲା। ଆଜିକାଲି ଏହି ଶବ୍ଦର ବ୍ୟବହାର ସାଙ୍ଗ ହୋଇ କିଛି ପାନୀୟ ପିଇବା ବେଳେ ଖୁସି ବ୍ୟକ୍ତ କରିବା ପାଇଁ ବ୍ୟବହାର କରାଯାଉଛି। ତେବେ ଏଭଳି କହିବା କେବେଠୁ ଓ କାହିଁକି ଆରମ୍ଭ ହେଲା ତା'ପଛରେ ଅଛି ଚାରୋଟି କାରଣ।

**ସୁରକ୍ଷା ପାଇଁ:** ପୁରାତନ ସମୟରେ ବିଷଦେଇ ହତ୍ୟା କରିବା ସାଧାରଣ କଥା ଥିଲା। ତେଣୁ ସେତେବେଳେ ଲୋକେ ଗ୍ଲାସ୍‌କୁ ଗ୍ଲାସ୍ ବାଡ଼େଇ ଚିୟର୍ସ କହୁଥିଲେ। ଯେମିତିକି ଉଭୟ ଗ୍ଲାସ୍‌ର ପେୟ ପରସ୍ପର ସହ କିଛି କିଛି ମାତ୍ରାରେ ମିଶିଯିବ।





ଏହାଦ୍ୱାରା ଜଣାପଡ଼ିଯାଉଥିଲା ଯେ, ପାନୀୟରେ ବିଷ ନାହିଁ। କାହିଁକି ନା ଉଭୟେ ପରସ୍ପରର ପାନୀୟ ପିଇଲେ। ସେତେବେଳେ ସତର୍କତା ପାଇଁ କରାଯାଉଥିବା ଏହି ଚିୟର୍ସ ଆଜି ବି କରାଯାଉଛି।

**ଭୂତ ଭଗାଇବା ପାଇଁ:** ମଧ୍ୟକାଳରେ ବିଶ୍ୱାସ କରାଯାଉଥିଲା ଯେ, ଗ୍ଲାସ୍ ସହ ଗ୍ଲାସ୍ ବାଡ଼େଇ ଚିଲ୍ଲେଇକି ଚିୟର୍ସ କହିବା ଦ୍ୱାରା ଖରାପ ଆତ୍ମା ଦୂରେଇଯାଆନ୍ତି। ସେତେବେଳେ କେହି କେହି ତ ଖରାପ ଆତ୍ମାଙ୍କୁ ସନ୍ତୁଷ୍ଟ କରିବା ପାଇଁ ଭୂମିରେ ଅଳ୍ପ କିଛି ପାନୀୟ ପକାଉଥିଲେ। ଏହାକୁ ଏବେ ଅନ୍ଧବିଶ୍ୱାସ ମନେକରାଯାଇପାରେ। ହେଲେ ସେତେବେଳେ ଏହାକୁ ଗମ୍ଭୀରଭାବେ ନିଆ ଯାଉଥିଲା।

**ଦେବତାଙ୍କୁ ଅର୍ପଣ:** ଇଣ୍ଟରନ୍ୟାଶନାଲ ହ୍ୟାଣ୍ଡବୁକ୍ ଅଫ୍ ଆଲ୍‌କୋହଲ୍ ଆଣ୍ଡ କଲ୍‌ଚର ଅନୁଯାୟୀ ଚିୟର୍ସ କହି ପାନୀୟ ଥିବା ଗ୍ଲାସ୍‌କୁ ଗ୍ଲାସ୍ ସହ ବାଡ଼େଇ ପିଇବା ପୁରୁଣା ସମୟର ବଳିପ୍ରଥା ସହ ବି ଜଡ଼ିତ। ପୂର୍ବେ ଲୋକମାନେ ନିଜର ମନୋସ୍କାମନା ପୂରଣହେବା ଲାଗି ନିଜର ରକ୍ତ ଅବା ମଦକୁ ଭଗବାନଙ୍କୁ ଅର୍ପଣ କରୁଥିଲେ। ସେତେବେଳେ ଚିୟର୍ସର ଅର୍ଥ ଦୀର୍ଘାୟୁ, ସୁସ୍ଥ ସ୍ୱାସ୍ଥ୍ୟ ଥିଲା। ଏହି ପ୍ରଥା ଏବେ ଟୋଷ୍ଟ ରୂପେ ଜୀବିତ ଅଛି, ଯେଉଁଥିରେ ଲୋକ ଭଲ ଜୀବନର କାମନା କରନ୍ତି। ଏବେ ଚିୟର୍ସ କେବଳ ଏକ ଶବ୍ଦ ନୁହେଁ ପରମ୍ପରା ପାଲଟିଗଲାଣି।

ଏହାବାଦ ଏହା ବି କୁହାଯାଏ, ଏଭଳି ଗ୍ଲାସ୍ ସହ ଗ୍ଲାସ୍‌କୁ ବାଡ଼େଇ ଚିୟର୍ସ କହି ପିଇଲେ ପଞ୍ଚ ଇନ୍ଦ୍ରିୟ ସକ୍ରିୟ ହୋଇଥାଏ। ଫଳରେ ପିଇବା ମଜା ବଢ଼ିଯାଏ।



# ସବୁଠୁ ବଡ଼ ଥ୍ରୀଡି ପେଣ୍ଟିଂ

**ସା**ଧାରଣ ପେଣ୍ଟିଂ ଅପେକ୍ଷା ବେଶି ଆକର୍ଷଣୀୟ ଲାଗେ ଥ୍ରୀଡି ପେଣ୍ଟିଂ। କାରଣ ଥ୍ରୀଡି ପେଣ୍ଟିଂ ଦିଏ ବାସ୍ତବତାର ସ୍ପର୍ଶ। ସେଥିପାଇଁ ତ ଏବେ ଏହି ଥ୍ରୀଡି ପେଣ୍ଟିଂର ଚାହିଦା ବଢ଼ିବାରେ ଲାଗିଛି। ଅନେକ କଳାକାର ନୂଆ ନୂଆ ଢଙ୍ଗରେ ଏହି ପେଣ୍ଟିଂ କରୁଛନ୍ତି। ତେବେ ଏହାକୁ ନେଇ ଅନେକେ ରେକର୍ଡ ବି କରିଛନ୍ତି। ଲଣ୍ଡନର କାନାରୀ ହ୍ୱାର୍ଫରେ, ଷ୍ଟ୍ରିଟ୍ ଆର୍ଟିଷ୍ଟ ଜୋ ହିଲ୍ କରିଥିବା ଥ୍ରୀଡି ପେଣ୍ଟିଂ ତ ପୃଥିବୀର ସବୁଠାରୁ ବଡ଼ ଥ୍ରୀଡି ପେଣ୍ଟିଂ ଭାବେ ଗିନିଜ ୱାର୍ଲଡ୍ ରେକର୍ଡ୍ସରେ ସ୍ଥାନ ପାଇଛି। ଏହି ପେଣ୍ଟିଂକୁ ୧୨୦୦ ବର୍ଗ ଫୁଟ୍ ଅଞ୍ଚଳରେ କରାଯାଇଥିଲା। ପେଣ୍ଟିଂଟି ଭୂମି ଉପରେ ଏକ ବଡ଼ ଜଳପ୍ରପାତ ଓ ଗଭୀର ଖାଇର ଥିଲା। ଏହାକୁ ଏତେ ନିଖୁଣ ଓ ବାସ୍ତବ ରୂପେ କରାଯାଇଥିଲା ଯେ, ଏହା ଉପର ଦେଇ ଗଲାବେଳେ ଭିନ୍ନ ଏକ ଅନୁଭୂତି ମିଳୁଥିଲା। ଲୋକେ ପାଦେ ଆଗକୁ ବଢ଼ାଇବା ମାତ୍ରେ ଡରି ଯାଉଥିଲେ। କାରଣ ମନରେ ଖାଇ ଭିତରେ ପଡ଼ିଯିବାର ଭୟ ସୃଷ୍ଟି ହେଉଥିଲା।

# ସେବାର ବନ୍ଧନ



## କଥା ଚାଟ୍

ଶ୍ରୀମାନ୍ ସର୍ବଗିଳା

ପାଗୁଲୁ ପ୍ରତିଲୋକଙ୍କୁ ପୂର୍ଣ୍ଣ ପ୍ରାଣରେ ବିଶ୍ୱାସ କରେ, ଏଇଟା କିଛି ଖରାପ ଗୁଣ ନୁହଁ । ମଣିଷ ଯେବେ ବନ୍ୟପ୍ରାଣୀକୁ ବିଶ୍ୱାସକରି ସେ ହିଂସ୍ର ହୋଇଥିଲେ ବି ଘରେ ପାଳୁଛି ପୋଷୁଛି, ସେ ମାଙ୍କଡ଼ ହେଉ କି କୁକୁର ତେବେ ମଣିଷକୁ ଆପଣାର ବୋଲି ଅନ୍ତରରେ ଭଲପାଇବା ବିଶ୍ୱାସ ଭରସା କରିବା କୋଉ ନିରସା କଥାକି ? ଅବଶ୍ୟ ଏବେ ଯୁଗ ଅନୁସାରେ ମଣିଷ ମନୋଭାବ ବଦଳି ଯାଉଛି । ଯେଉଁଠି ଘରେ କୁକୁର ପଶିଯିବ ବୋଲି ମଣିଷ ଜଗୁଥିଲା, ଏବେ ମଣିଷ ପଶିଯିବେ ବୋଲି କୁକୁର ଦୁଆର ଜଗୁଛନ୍ତି । ଖୁବ୍ ଭଦ୍ରାମିରେ ମଧୁର ସମ୍ବୋଧନରେ ତାକୁ ଡକା ଯାଉଛି । କେତେ ଗେହ୍ଲା କରାଯାଉଛି । ହେଲେ କ'ଣ ହେଲା ? ସେ କ'ଣ ଆଉ ମଣିଷ ହୋଇପାରିବ । କିନ୍ତୁ ପାଗୁଲୁ ମନରେ ଜମା ପାପଚିନ୍ତା ନାହିଁ । ସନ୍ଦେହ ଆଖିରେ କାହାକୁ ଦେଖିବା ଦୂରର କଥା ତା'ର ଅମଙ୍ଗଳ କରୁଥିବା ଲୋକର ହାନି ବି ଚିନ୍ତା କରେନି । ଅବଶ୍ୟ ଏଥିପାଇଁ ହୀନସ୍ତା ବି ହୁଏ । ପାଗୁଲୁ ସ୍ତ୍ରୀ ପିତେଇର ହଠାତ୍ ଦିନେ ଅଧରାତିରେ ପେଟ କାମୁଡ଼ିଲା । ତେଣୁ ପେଟକୁ ହାତରେ ଜାବୁଡି ରଡ଼ିଛାଡ଼ି ଡାକ ପକେଇଲା ''ହେ ଖାଲି ବାପ ! ଦୌଡି ଆସ, କତିରେ ବସି ମୋ' ପେଟକୁ ଘଷ ! ମୁଁ ଆଉ ବଞ୍ଚିଲା ପରିକା ଦୁଶୁନି ।'' କ'ଣ କରିବ ପାଗୁଲୁ ! ଚାରିଘର ଛଡ଼ା ପଡ଼ୋଶୀ ପର୍ଶୁକୁ ତା' ଦୁଆର ବାଡେଇ ଡାକି କହିଲା, ''ତୋ' ଭାଉଜ ପେଟ ଭାରି ଯୋରରେ କାମୁଡିବାରୁ ସେ ରଡୁଛି । ମୋତେ ବୁଦ୍ଧି ଦୁଶୁନାହିଁ । କ'ଣ ଗୋଟାଏ କର । '' ପର୍ଶୁ ଭାରି ଭଲ ପିଲା । ଗାଁ ଲୋକଙ୍କ ହାନି ଲାଭ ନିଜ ଆଡୁ ପଚାରି ବୁଝେ । କାହା ଦେହ ଯେବେ କ'ଣ ଖରାପ ଥାଏ, ତେବେ ସେ ଆଉ ସରକାରୀ ଡାକ୍ତର କି ଡାକ୍ତରଖାନା ଉପରେ ଭରସା ନ କରି ସିଧା ପ୍ରାଇଭେଟ ମେଡିକାଲକୁ ବୋହିନିଏ । ସେଇ ସେବା ଧରମରୁ ଯୋଉ କମିଶନି ତା' ପକେଟ୍‌ରେ ପସେ, ତାହାରି କୃପାରୁ ତା'ବଂଶ ପୋଷି ବାପ ସମ୍ପତ୍ତି କୋଡିଏ ଗୁଣା ବଢିପାରିଛି ମାତ୍ର ପାଞ୍ଚ ବରଷରେ । ତେଣୁ ରାଜନୀତି କରିବାକୁ ଇଚ୍ଛା କରୁଥିବା ପର୍ଶୁ ସିଆଡ଼େ ମନ ନ ଦେଇ, ଏଇ ଜନ-ସେବା କରମକୁ ଆପଣେଇ ଚାଲିଥିଲା । ରାତିଅଧରେ ପାଗୁଲୁ ଡାକରେ ପର୍ଶୁ ନିଦ ମଳମଳ ଆଖିରେ ଉପସ୍ଥିତ ବୁଦ୍ଧିରେ ଫୋନ କଲା ତା'ଭାଗୀଦାର ନାଗୁଆ ଗାଡିବାଲା ପାଣୁଆକୁ । ଟଙ୍କା ପଇସା ଯାହା ଯେମିତି ଯୋଗାଡ଼ କରି ରୋଗିଣୀକି ମିଶେଇ ଚାରିଜଣ ଚାଲିଲେ ସହରର ନର୍ସିଂହୋମକୁ । ମାସେ ଯାଏ ରୋଗୀଣା ପିତେଇର ପେଟରୁ କାମୁଡା ରୋଗ ଭଲ କରିବାକୁ ଶୋଷିବାରେ ହେଳା ନ କରି ରୋଗ ସାଥିରେ ପାଗୁଲୁ ସମ୍ପତ୍ତି ଏତେ ସୁନ୍ଦର ଭାବେ ଶୋଷି ହୋଇଗଲା ଯେ, ଶ୍ମଶାନରେ ତା' ଦେହ ପାଉଁଶ ହେଲା ବେଳକୁ, ପାଗୁଲୁର ସର୍ବମୋଟ ଦେଢ଼ ଏକର ବିଲ ସହିତ ଘରେ ଥିବା ଟଙ୍କା ପେଟେରା ଶୂନ୍ୟ ହୋଇସାରିଥିଲା । ହେଲେ ଭାଗ୍ୟବାଦୀ ପ୍ରଭୁ ବିଶ୍ୱାସୀ ପାଗୁଲୁ, ନା କେବେ ଡାକ୍ତର କି ନର୍ସିଂହୋମ, ନା ପଡ଼ୋଶୀ ପର୍ଶୁକୁ ଭୁଲ୍ ବୁଝିଥିଲା, ବରଂ କହିଲା, ଯାହା ପ୍ରଭୁଙ୍କ ଇଚ୍ଛା । ମୋ ଭାଗ୍ୟରେ ଯାହା ସେ ଲେଖିଛନ୍ତି ତାହା ଅବଶ୍ୟ ଭୋଗିବି ହିଁ । ହେଲେ ଚାଷବାସ କରି ପେଟ ପୋଷୁଥିବା ପାଗୁଲୁର ପ୍ରାଣପ୍ରିୟା ସ୍ତ୍ରୀର ପରଲୋକ ହେଲା ପରେ ତା' ସାଧୁ ପ୍ରାଣ-ମଧୁର ଜୀବନ ବିଷାଦରେ ଭରିଗଲା । ପ୍ରଥମରୁ କହିଛି ପରର ବେଦନା ପର୍ଶୁ ଭାରି ବୁଝିପାରେ । ସେ ପାଗୁଲୁର ଦୁଃଖ ଚିହ୍ନି କହିଲା, ଆରେ ଭାଇ ! ଯାହା ହେବାର ଥିଲା ତ ହେଲା । ପିତେଇ ଭାଉଜ ଯିବାର ବର୍ଷେ ହେଲାଣି ତୁମ ଦୁଃଖ କମିବାର ନାଁ ଗନ୍ଧ ନାହିଁ । ହେଲେ ତମ ଦୁଃଖ ଦେଖି ମୋ ଛାତି ଫାଟିଯାଉଛି । ଟଙ୍କା କିଛି ଯୋଗାଡ଼ କରି ତୀର୍ଥ ଭ୍ରମଣରେ ବାହାରିଯାଅ । ଚାରିଧାମ ବୁଲିସାରି ପ୍ରୟାଗରେ ଅସ୍ଥି ବିସର୍ଜନ କରିଦେଲେ



ଦେଖିବ ତମ ଦୁଃଖ ଆଉ ରହିବ ନାହିଁ । ବିଚରା ପାଗୁଲୁ, ପର୍ଶୁ ପାଖରେ ତା'ବାଡ଼ିପଟ ପାଞ୍ଚ ଡିସିମିଲ ଜାଗା ବନ୍ଧା ପକେଇ ଟଙ୍କା ଯୋଗାଡ଼ିଲା । ତା' ଦୁହାଁଳିଆ ଗାଈ ଓ ବାଛୁରୀ ଦେଇ କହିଲା, ମୁଁ ଫେରିଲା ଯାଏଁ ଛୁଆ ଦୁଇଟାଙ୍କ ଦେଖାରଖା କରୁଥିବ । ବାହାଘର ବେଳେ ପିତେଇ ତା'ବାପଘରୁ ଆଣିଥିବା ପିତ୍ତଳ ଗରା, କୁଣ୍ଡ, ଦି' ବସ୍ତା କଂସା ବାସନ, ଥାଳି, ତାଟିଆ, ବେଲା, ଗିଲାସ ଇତ୍ୟାଦି ସାଥିରେ ପିତେଇର ମଙ୍ଗଳସୂତ୍ର , ତିନି ହଳ କାନଫୁଲ, ଶାଶୁ ଦିଆ ଖଡୁ, ଘରର ଦରକାରୀ କାଗଜପତ୍ର ଟ୍ରଙ୍କ ଗୋଟେ ଘରେ ରଖି ପିତ୍ତଳର ବଡ଼ ତାଲାଟିଏ ପକେଇଲା ଏବଂ ଚାବି ପର୍ଶୁକୁ ଦେଇ ନିଶ୍ଚିନ୍ତ ହୋଇ ତୀର୍ଥ କରିଗଲା ।

ଆରେ ଭାଇ ଇଏ କ'ଣ ? ଚାରି ମାସରେ ଚାରିଧାମ ଭ୍ରମଣ କରି ବହୁତ ସାଧୁ ସନ୍ଥ ସହ ଦିଅଁ-ଦେଉଳ ଦର୍ଶନ ସାରି ପାଗୁଲୁ ଗାଁକୁ ଫେରି ଯେତେବେଳେ ତା' ଘର ଖୋଜିଲା, ପାଇଲାନି ! ତା' ନଡ଼ା ଛପର ଘର ଗଲା କୁଆଡ଼େ ? ସେଇଠି ହୋଇଛି ବ୍ରଏଲର କୁକୁଡ଼ା ଘର, ମେଣ୍ଢା ଛେଳି ଭର୍ତ୍ତି ଗୁହାଳେ ! ବୁଝୁ ବୁଝୁ ଉତ୍ତମ ପଡୋଶୀ ପର୍ଶୁ କାଗଜପତର ଅତି ନିଜର ଭାବି କରି ନେଇଛି ସବୁ ନିଜ ନାଆଁରେ ! କାକୁତି ମିନତି କରି କହିବାରେ କିଛି ହେଲାନାହିଁ କି ଗାଁ ମୁରବୀମାନଙ୍କୁ ଜଣେଇବାରେ ଅଡୁଆ ତୁଟିଲା ନାହିଁ । ଶେଷକୁ ପାଗୁଲୁର ଲେଖାଯୋଖା ଶଳା ବୁଦ୍ଧିରେ କୋର୍ଟ କଚେରିରେ ସମାଧାନ ହେଲା । ଉତ୍ତମ ପଡୋଶୀ-ପର୍ଶୁ ବିଚରା ଜେଲ ଦଣ୍ଡରେ ଦଣ୍ଡିତ ହେଲା । ପର୍ଶୁ, ଭଲ ବୁଦ୍ଧିରେ କାରାଦଣ୍ଡରେ ଦଣ୍ଡିତ ହୋଇ ଚାରିବରଷ ପିଲା ପରିବାର ଛାଡ଼ି ରହିବା ପରେ, ଥରେ ଆଉ ସମ୍ଭାଳି ନ ପାରି ଜେଲର ବାବୁଙ୍କୁ ନେହୁରା ହୋଇ କହିଲା, '' ସାଆରେ ! କୋଉଦିନ ମୁଁ ବନ୍ଦୀ ଜୀବନରୁ ମୁକୁଳି ଆମ ଘରକୁ ଯିବି ? ମତେ ଦୟାକରି ମୁକ୍ତ କରନ୍ତୁ !''

– ଜେଲର ବାବୁ ଉତ୍ତର ଦେଲେ,''ବାବୁରେ ! ଆମେ କିଏ ତତେ ମୁକୁଳେଇବାକୁ ? ଆମେ ଅଛୁ ଆଇନ ଓ ବିଚାରପତିଙ୍କ ହୁକୁମ ପାଳିବାକୁ । ପର ସମ୍ପତ୍ତିକୁ ନିଜର ଭାବି ଯୋଉ ଚାଲାଖି ତୁ କଲୁ, ପରିଣାମରେ ବନ୍ଦୀ ହୋଇ ଜେଏଲରେ ବନ୍ଦୀ ହେଲୁ । ଏ ସବୁ ତୋ ଲୋଭ ମୋହ ଆସକ୍ତିର ପରିଣତି । ଭଗବାନଙ୍କ ସୃଷ୍ଟିରେ ଯେତେ ଦରବ ସୃଷ୍ଟି ହୋଇଛି ଆମ ବଞ୍ଚିବା ପାଇଁ, ଲୋଭରେ ଅଧିକ ଜାଗା, ଜମିବାଡ଼ି, ଗଛ ଲତା, ପଶୁପକ୍ଷୀ ଇତ୍ୟାଦି ନିଜେ ସୃଷ୍ଟି କଲାଭଳିଆ ଅଧିକ ଭୋଗ କରିବାକୁ କି ଗିଳିବାକୁ ଗଲେ, ଯାହା ପରିଣତ ହେବା କଥା ହୁଏ । ଅତି ଲୋଭର ପରିଣତି ବଡ଼ ବିପତ୍ତି । କିଏ ଚାକିରି ଗଲାପରେ ମୋହ ତୁଟି ନ ଥାଏ ବୋଲି ଢେରେ ଦିନ ଅଫିସ ଧାଉଁଥାନ୍ତି, ଲାଭ ପାଉଥିବା ଚଉକି କି ଚାହୁଁ ଥାଆନ୍ତି ଭୂତ ଭଳିଆ ତ କିଏ ମନ୍ତ୍ରୀପଦ ଯିବା ପରେ ଭୂତପୂର୍ବ ମନ୍ତ୍ରୀ ପଦ ଯୋଡ଼ା ଯିବା ପରେ ବି ଭାବୁଥାନ୍ତି ସେଇ ପଦ-ପାୱାର ଥିଲା ଭଳିଆ । ଏମିତିକି କେହି ହାରିବା ପରେ ବି ଆସେମ୍ବ୍ଲି ଆଡକୁ ଅନେଇ ଅନେଇ ଭୂତ ହୋଇ ନିଜ ସମ୍ପତ୍ତି ଭାବି ଜଗି ବସୁ ନ ଥିବେ କିଏ କହିବ ! ଯିଏ ସବୁ ଲୋଭ ମୋହ ବନ୍ଧନ ଯେତେ ଛିଣ୍ଡେଇ ପାରନ୍ତି, ସେ ସେତେ ମୁକ୍ତ ହୋଇ ଚଢ଼େଇ ଭଳିଆ ଉପରେ ଉଡ଼ନ୍ତି । ତୁ ଅଭିଯୁକ୍ତ ! କେତେ କେତେ ଭୁଲ କରି ଥରେ ମାତ୍ର ମାମୁଘରକୁ ଆସି ଗେଲ ହଉଛୁ । ଯାଉ କିଛି ଦିନ । ମାମୁଘର ନାମ ନେଇ ନେଇ ଏବେ ତୋର ଦାଓ୍ୱାପଣିଆ ସାର୍ଥକ କର ।''

ପର୍ଶୁ କହିଲା, '' ସାଆରେ ! ମଦ ବୋତଲ, ସିଗ୍ରେଟ ଖୋଳ, ଗୁଟୁଖା ଜରି ଉପରେ କ୍ଷତିକାରକ ବୋଲି ଲିଖିତ ସତର୍କତା ଜାରି କରାଯାଇଥିଲେ ବି କେତେ ଶିକ୍ଷିତ-ଅଶିକ୍ଷିତ, ଟୋକା-ବୁଢ଼ା ସବୁ ପୁଣି ଖାଇଖାଇ ରୋଗରେ ଶଢ଼ି ମରି ଶୋଉଛନ୍ତି ନା ନାହିଁ । ସବୁ ଦେଖିଲା, ଜାଣିଲା ପରେ ବି ଅଭ୍ୟାସ ନ ଛାଡ଼ି ଖାଉଛନ୍ତି, ମୁଁ କ'ଣ ଏତେ ଦୁର୍ବଳ ଯେ ଜେଲ ମାଡ଼, ଅପମାନକୁ ଡରି ମୋ ସେବା ମନୋବୃତ୍ତି ଛାଡ଼ିବି ? ସରକାରଙ୍କ ଠାରୁ ଦରମା ନେଲା ପରେ କହିଲ ଦେଖି ସାରେ ଆପଣଙ୍କ ଛାତି ଛୁଇଁ ତୁମକୁ କିଏ ସେନେହ ଶରଧାରେ ହାତ ଗୁଞ୍ଜା ଦେଲେ ତୁମେ ଦିଅକି ହାତକୁ ଛିଞ୍ଚାଡ଼ି ? ଯେଉଁ ବାଟୁ ଲକ୍ଷ୍ମୀ ଆସନ୍ତୁ ତାଙ୍କୁ ରାସ୍ତା ଦେବା ମୋର ସେବା । ଏହି ବନ୍ଧନ, ମିଛ ବୋଲି ଜାଣିଲେ ବି ଆଚ୍ଛା ଆଚ୍ଛା ଲୋକଙ୍କର ହଜେଇ ଦିଏପରା ଜ୍ଞାନ ।'' ଜେଲର ଆଁଟା କରି ଅନେଇଥିଲେ ତା' ମୁହଁକୁ !


*ମଙ୍ଗରାଜପୁର, ପୁରୀ,*
*ମୋ-୭୦୦୮୧୮୮୮୪୭*

## ପୁସ୍ତକ ସମୀକ୍ଷା

### ବାସୁଦେବ ସାହୁ

**ଲେଖକ ପ୍ରଫେସର ପ୍ରେମାନନ୍ଦ ମହାପାତ୍ର , ପ୍ରକାଶକ- ଓଡ଼ିଆ ଭାଷା ପ୍ରତିଷ୍ଠାନ ସଂସ୍କୃତି ଭବନ, ଭୁବନେଶ୍ୱର-୧୪, ମୂଲ୍ୟ-୨୦୦ ଟଙ୍କା**

ଭାଷା ବିଜ୍ଞାନୀ ପ୍ରଫେସର ବାସୁଦେବ ସାହୁଙ୍କ ମନୋଗ୍ରାଫ୍ ପ୍ରସ୍ତୁତ କରିଛନ୍ତି ପ୍ରଫେସର ପ୍ରେମାନନ୍ଦ ମହାପାତ୍ର । ଏଥିରେ ୭ଟି ପରିଚ୍ଛେଦ ରହିଛି । ପ୍ରଥମ ପରିଚ୍ଛେଦ ବାସୁଦେବ ସାହୁଙ୍କ ଜୀବନୀ । ଦ୍ୱିତୀୟ ପରିଚ୍ଛେଦ ବାସୁଦେବ ସାହୁଙ୍କ ସାରସ୍ୱତ ସୃଷ୍ଟିସମ୍ଭାର, ତୃତୀୟରେ ଭାଷାବିଜ୍ଞାନୀ ବାସୁଦେବ ସାହୁ, ଚତୁର୍ଥରେ କବି ବାସୁଦେବ ସାହୁ, ପଞ୍ଚମରେ ସମାଲୋଚକ ବାସୁଦେବ ସାହୁ, ଷଷ୍ଠରେ ଜଗନ୍ନାଥ ତତ୍ତ୍ୱ ଗବେଷକ ବାସୁଦେବ ସାହୁ ଓ ସପ୍ତମ ବା ଶେଷ ପରିଚ୍ଛେଦରେ ଗାଳ୍ପିକ ବାସୁଦେବ ସାହୁ ଆଦି ବିଷୟ ରହିଛି । ପ୍ରଫେସର ସାହୁ ଏକାଧାରରେ ଜଣେ ପ୍ରଫେସର, ପ୍ରାବନ୍ଧିକ, ଭାଷାବିତ୍, ସମାଲୋଚକ, କବି ଓ ସ୍ୱନାମଧନ୍ୟ ଗବେଷକ ଥିଲେ । ଭାଷା ଚର୍ଚ୍ଚା ପରମ୍ପରାର ସେ ଜଣେ ଉଚ୍ଚକୋଟୀର ଗବେଷକ । ଓଡ଼ିଆ, ଇଂରାଜୀ, ସଂସ୍କୃତ, ହିନ୍ଦୀ, ବଙ୍ଗଳା, ଆସାମୀ ଓ ଭୋଜପୁରୀ ଆଦି ଭାଷାଗୁଡିକୁ ପ୍ରଫେସର ସାହୁ ଆୟତ୍ତ କରିଥିଲେ । ଏହା ବ୍ୟତୀତ ଦେଶିଆ, ଭତ୍ରୀ, ବାଥୁଡି ଓ ସମ୍ବଲପୁରୀ ଆଦି ଆଞ୍ଚଳିକ ଭାଷା କ୍ଷେତ୍ରରେ ସେ ମଧ୍ୟ ବେଶ୍ ପ୍ରବୀଣ । ନିରନ୍ତର ସାଧନା ଓ ଗବେଷଣା ବଳରେ ସେ ଭାଷାଚର୍ଚ୍ଚା କ୍ଷେତ୍ରରେ ନିଜକୁ ପ୍ରତିଷ୍ଠିତ କରିପାରିଥିଲେ ।




### ମଧୁମତୀ

**କାଳିନ୍ଦୀ ଚରଣ ଭଞ୍ଜ, ପ୍ରକାଶକ- ସଂଗ୍ରାମଜିତ୍ ଭଞ୍ଜ ଅନସୂୟା ପବ୍ଲିକେଶନ୍, ଲକ୍ଷ୍ମୀସାଗର, ତଳସାହି, ଭୁବନେଶ୍ୱର- ୬, ମୂଲ୍ୟ- ୩୦୦ଟଙ୍କା ।**

ମଧୁମତୀ ଗଳ୍ପ ସଂକଳନରେ ରହିଛି ୧୮ଟି ଗଳ୍ପ । ସମସ୍ତ ଗଳ୍ପରେ ମଣିଷ ମାନସିକତାରେ ଯେପରି ଅଭୂତପୂର୍ବ ପରିବର୍ତ୍ତନ ଘଟୁଛି ତାହା ବର୍ଣ୍ଣନା କରାଯାଇଛି । ପ୍ରଥମ ଗଳ୍ପ ପତି ପରମେଶ୍ୱର ରହିଥିବା ବେଳେ ଶେଷ ଗଳ୍ପ ପ୍ରତିଶୋଧ ରହିଛି । ବସ୍ତୁବାଦି ଦୁନିଆରେ ଅର୍ଥ, କ୍ଷମତା, ସମ୍ମାନ ଓ ପ୍ରତିଷ୍ଠା ଅର୍ଜନ କରିବା ପାଇଁ ସମସ୍ତେ କ୍ଷୀପ୍ର ଗତିରେ ଦୌଡୁଛନ୍ତି । ହଜିଯାଇଛି ଆତ୍ମୀୟତା, ପାଷାଣ ପାଲଟିଛି ହୃଦୟ, ଶିଥିଳ ହୋଇଛି ପାରିବାରିକ ସମ୍ପର୍କ ଓ ଭୁଷୁଡି ପଡୁଛି ଯୌଥ ପରିବାର । ତା'ପରିବର୍ତ୍ତେ ବୃଦ୍ଧି ପାଉଥିବା ଈର୍ଷା, ହିଂସା ତଥା ଅପରାଧିକ ଗୁଣଗୁଡିକ ଧୀରୋଧୀରେ ଦାନା ବାନ୍ଧୁଛି । ଏଥିପ୍ରତି କାହାର ନିଘା ନାହିଁ । କେହି କାହାର ମାନସିକତାକୁ ବୁଝିବାର ଧୈର୍ଯ୍ୟ ନାହିଁ, ସମୟ ମଧ୍ୟ ନାହିଁ । ଏମିତି କେତେ ଘଟଣା ଘଟୁଥାଏ । ସେହି ଘଟଣାକୁ ନେଇ ଭଞ୍ଜ ଭିନ୍ନ ଭିନ୍ନ ଧରଣର ଗଳ୍ପମାନ ଲେଖିଛନ୍ତି । ସେ ସବୁକୁ ନିଜ ଅନୁଭୂତି ଓ ଅଭିଜ୍ଞତାରେ ସାଉଣ୍ଟି ନିଜ ଭାଷାରେ କଲମ ଚଳାଇ ପାଠକଙ୍କୁ ଭେଟି ଦେଇଛନ୍ତି । ସେଥିରୁ କୁସଂସ୍କାର ପଢନ୍ତୁ କିମ୍ବା ଜଣେ ଭିନ୍ନ ଡାକ୍ତର ପଢନ୍ତୁ ତାହା ନିଶ୍ଚୟ ନିଆରା ଆଉ ଭିନ୍ନ ସ୍ୱାଦର ଅନୁଭବ ଆଉ ଅନୁଭୂତି ଦେବ । ପୁସ୍ତକଟି ପାଠକଲେ ନିଶ୍ଚୟ ପାଠକଙ୍କ ମନକୁ ଆନ୍ଦୋଳିତ କରିବ ଏଥିରେ ସନ୍ଦେହ ନାହିଁ ।






# ବାନାନା କାର୍






ଦେଖିବାକୁ ଅବିକଳ ହଳଦିଆ ରଙ୍ଗର ପାଚିଲା କଦଳୀଟିଏ। ହେଲେ ଏହାକୁ ଖାଇ ହେବନି। ଭାବୁଥିବେ ଇଏ କେମିତିକା କଦଳୀ କି ? ପ୍ରକୃତ କଥା ହେଉଛି ଏହା ସତସତିକା କଦଳୀ ନୁହେଁ। ବରଂ କଦଳୀ ଆକାରର ଏକ ବଡ଼ କାର୍। ଯାହାକୁ ତିଆରି କରିଛନ୍ତି ଆମେରିକାରେ ରହୁଥିବା ଷ୍ଟିଭ୍ ବ୍ରେଥ୍‌ୱେଟ୍। ସେ ଏହାକୁ ନିଜ ହାତରେ ତିଆରି କରିଛନ୍ତି। ଏହାର ଲମ୍ବ ୨୨ ଫୁଟ୍ ୧୦.୫ ଇଞ୍ଚ, ଯାହାକି ଏକ ସିଟି ବସ୍‌ର ଲମ୍ବ ସହ ସମାନ। ଫଳରେ ଏହି କାର୍‌ଟି ପୃଥିବୀର ସବୁଠାରୁ ଲମ୍ବା ବାନାନା ବା କଦଳୀ କାର୍ ଭାବେ ରେକର୍ଡ କରିଛି। ଏହି କାର୍‌ର ଡ୍ରାଇଭର ସିଟ୍ ପଛପଟେ ତିନୋଟି ସିଟ୍ ଲମ୍ବା ହୋଇ ଅଛି। ରାସ୍ତାରେ ଗଲାବେଳେ ଲୋକେ କୌତୂହଳର ସହ ଦେଖନ୍ତି। ସେଥିରେ ବସି ଟିକେ ବୁଲିବାକୁ ଇଚ୍ଛା ବି କରନ୍ତି। ଷ୍ଟିଭ୍ ଏହି ବାନାନା କାର୍‌ରେ ଲୋକଙ୍କୁ କିଛି ସମୟ ବୁଲାଇଦେଲେ ସେମାନେ ଖୁସିରେ କିଛି ଟଙ୍କା ଦିଅନ୍ତି। ତେବେ ଏହି କାର୍‌କୁ ତିଆରି କଲାବେଳେ ଷ୍ଟିଭ୍ ଚିନ୍ତାରେ ଥିଲେ କେମିତିଆ କାର୍ ତିଆରି କରିବେ। ତାଙ୍କ ସ୍ତ୍ରୀ ତାଙ୍କୁ କହିଲେ, କଦଳୀ କାର୍ ତିଆରି କଲେ କେମିତି ହେବ। ଆଉ ଷ୍ଟିଭ୍ କଦଳୀ ଆକାରର ଏହି କାର୍‌କୁ ତିଆରି କରିବାରେ ଲାଗିଗଲେ। ୨ ବର୍ଷ ଲାଗିଥିଲା ଏହାକୁ ତିଆରି କରିବା ପାଇଁ। ୬୫ ବର୍ଷୀୟ ଷ୍ଟିଭ୍ ନିଜର ଏହି ବାନାନା କାର୍‌ରେ ଆମେରିକାର ୪୨ଟି ସହର ଭ୍ରମଣ କରିସାରିଲେଣି। ତା'ସହ ମେକ୍ସିକୋ ଓ କାନାଡା ବି ଯାଇଛନ୍ତି।

# କୃତ୍ରିମ ଜିଭ ବାରିପାରିବ ସ୍ୱାଦ

ଜିଭ ଖାଦ୍ୟର ସ୍ୱାଦ ବାରିବାରେ ସାହାଯ୍ୟକରେ। ଭାବିଲେ ଯଦି ଜିଭର ସ୍ୱାଦ ବାରିବା କ୍ଷମତା କମିଯାଏ ତେବେ କେତେ ଅସୁବିଧା ହେବ। ରାଗ, ଲୁଣି, ମିଠା, ଖଟା କୌଣସି ପ୍ରକାରର ସ୍ୱାଦ ବାରି ହେବ ନାହିଁ। କିଛି ଲୋକ ଅଛନ୍ତି ଯେଉଁମାନେ କି ଏଭଳି ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି। ଖାସ୍ ସେମାନଙ୍କ ପାଇଁ ବୈଜ୍ଞାନିକମାନେ ତିଆରି କରିଛନ୍ତି





କୃତ୍ରିମ ଜିଭ ; ଯାହାକି ଖାଦ୍ୟରେ ଥିବା ସ୍ପାଇସ୍ ଲେଭଲ ତଥା ତାହା କେତେ ରାଗ ଲାଗିବ କିଛି ସେକେଣ୍ଡ ଭିତରେ ବାରିଦିଏ। ତା'ସହ କ'ଣ ମସଲା ବ୍ୟବହାର ହୋଇଛି ବାରିଦେବ। ଯେଉଁମାନେ ରାଗ ଓ ମସଲାଯୁକ୍ତ ଖାଦ୍ୟ ପ୍ରତି ସମ୍ବେଦନଶୀଳ ସେମାନଙ୍କ ପାଇଁ ଏହା ବେଶ୍ ଉପଯୋଗୀ ସାବ୍ୟସ୍ତ ହେବ। ଏହାସହ ଯାହାର ସ୍ୱାଦ ବାରିବା କ୍ଷମତା ଦୁର୍ବଳ ହୋଇଯାଇଛି ସେମାନଙ୍କ ପାଇଁ ବି ଏହି କୃତ୍ରିମ ଜିଭ ବହୁତ ଉପାଦେୟ ସାବ୍ୟସ୍ତ ହେବ। ବୈଜ୍ଞାନିକମାନଙ୍କ କହିବାନୁସାରେ ଏହି ଉଦ୍ଭାବନ ଭବିଷ୍ୟତରେ ରୋବୋ, ଫୁଡ୍ ଟେଷ୍ଟିଂ ଡିଭାଇସ୍ ଓ ସ୍ୱାଦ ସମ୍ବନ୍ଧୀୟ ରୋଗରେ ପୀଡ଼ିତ ବ୍ୟକ୍ତିଙ୍କ ପାଇଁ ବହୁ କାମରେ ଆସିବ। କୃତ୍ରିମ ଜିଭର ଡିଜାଇନ କ୍ଷୀରରେ ଥିବା କ୍ୟାସିନ ପ୍ରୋଟିନ୍‌ରୁ ପ୍ରେରିତ। କ୍ୟାସିନ୍ ହେଉଛି ସେହି ପ୍ରୋଟିନ୍ ଯାହା ଲଙ୍କାରେ ରାଗ ଭରୁଥିବା କ୍ୟାପ୍ସାଇସିନ୍‌କୁ ନିଷ୍କ୍ରିୟ କରିଥାଏ। ଅର୍ଥାତ୍ ରାଗ ଲାଗିବା ସମୟରେ କ୍ଷୀର ପିଇଲେ ରାଗ କମିଯାଏ। ଏହି ବିଜ୍ଞାନ କୃତ୍ରିମ ଜିଭରେ ବି ଲାଗୁ ହୋଇଛି। ଏହି ଜିଭ ୮ପ୍ରକାର ଲଙ୍କା ଓ ୮ ପ୍ରକାର ରାଗଯୁକ୍ତ ଖାଦ୍ୟ ଉପରେ ପରୀକ୍ଷଣ ହୋଇଥିଲା। ଆଉ ଏହା ରାଗ ଚିହ୍ନଟ କରିବାରେ ସକ୍ଷମ ହୋଇଛି।

# ଛୋଟ ହ୍ୟୁମାନ କାଲ୍‌କୁଲେଟର




ଗଣିତ ପ୍ରତି ପ୍ରାୟ ସବୁ ପିଲାଙ୍କର ଭୟ ଥାଏ। ଗଣିତ ପରୀକ୍ଷା ଆସିଲେ ଜ୍ୱର ଆସିଯାଏ। ହେଲେ ଆର୍ଯ୍ୟନ୍ ଶୁକ୍ଳା ନାମକ ଜଣେ ବାଳକ ଗଣିତକୁ ଏତେ ଭଲ ପାଆନ୍ତି ଯେ, ଦିନରାତି କେବଳ ଗଣିତ କଥା ଭାବନ୍ତି। କହିବାକୁ ଗଲେ ଗଣିତ ତାଙ୍କ ଜୀବନ। ସେ ଗଣିତରେ ଏତେ ପାରଙ୍ଗମ ଯେ, ଗଣିତକୁ ନେଇ ତାଙ୍କ ନାଁରେ ୬ଟି ୱାର୍ଲଡ ରେକର୍ଡ ଅଛି। ସେଥିପାଇଁ ଅନେକେ ତାଙ୍କୁ 'ଛୋଟ ହ୍ୟୁମାନ କାଲ୍‌କୁଲେଟର' ବୋଲି କୁହନ୍ତି। ମହାରାଷ୍ଟ୍ରର ଆର୍ଯ୍ୟନ୍ ଶହେଟି ଚାରିଅଙ୍କିଆ ସଂଖ୍ୟାକୁ ୩୦.୯ ସେକେଣ୍ଡରେ ମିଶାଣ କରି, ୨୦୦ଟି ଚାରିଅଙ୍କିଆ ସଂଖ୍ୟାକୁ ୧ ମିନିଟ୍ ୯.୬୮ ସେକେଣ୍ଡରେ ମିଶାଣ କରି, ୫୦ଟି ପାଞ୍ଚ ଅଙ୍କିଆ ସଂଖ୍ୟାକୁ ୧୮.୭୧ ସେକେଣ୍ଡରେ ମିଶାଣ କରି ତା'ସହ ଦଶ ସେଟ୍‌ର କୋଡିଏ ଅଙ୍କିଆ ସଂଖ୍ୟାକୁ ୧୦ ଅଙ୍କିଆ ସଂଖ୍ୟାରେ ୫ ମିନିଟ୍ ୪୨ ସେକେଣ୍ଡରେ ଭାଗକରି, ୧୦ ସେଟ୍‌ର ଦୁଇଟି ପାଞ୍ଚ ଅଙ୍କିଆ ସଂଖ୍ୟାକୁ ୫୧.୬୯ ସେକେଣ୍ଡରେ ଗୁଣନକରି ଓ ୧୦ ସେଟ୍‌ର ଦୁଇଟି ୮ ଅଙ୍କିଆ ସଂଖ୍ୟାକୁ ୨ ମିନିଟ୍ ୩୫.୪୧ ସେକେଣ୍ଡରେ ମନେ ମନେ ଗୁଣନକରି ଗିନିଜ୍ ୱାର୍ଲଡ ରେକର୍ଡ୍ସରେ ୬ଟି ରେକର୍ଡ କରିଛନ୍ତି। ଆର୍ଯ୍ୟନ୍ କୁହନ୍ତି, 'ଏହି ରେକର୍ଡ କରିବାଲାଗି ମୁଁ ପ୍ରତିଦିନର ୫ରୁ ୬ ଘଣ୍ଟା ଅଭ୍ୟାସ କରୁଥିଲି। ୬ବର୍ଷ ବୟସରୁ ମୁଁ ମେଣ୍ଟାଲ ମ୍ୟାଥ୍ କରିବା ଆରମ୍ଭ କରିଥିଲି। ଆଉ କଠିନ ପରିଶ୍ରମ ଓ ଅଭ୍ୟାସ କରି ୧୨ ବର୍ଷ ବୟସରେ ଜର୍ମାନୀରେ ଆୟୋଜିତ ସମ୍ମାନଜନକ 'ମେଣ୍ଟାଲ କାଲ୍‌କୁଲେଶନ ୱାର୍ଲଡ କପ୍' ଜିତିଲି। ପରେ ୧୪ ବର୍ଷ ବୟସରେ ଗୋଟିଏ ଦିନରେ ମେଣ୍ଟାଲ ମ୍ୟାଥ୍‌କୁ ନେଇ ୬ଟି ୱାର୍ଲଡ ରେକର୍ଡ କରିବାକୁ ସକ୍ଷମ ହେଲି।